

ସତ୍ୟର ଗ୍ରହଣ ଓ ଅସତ୍ୟର ତ୍ୟାଗରେ ସର୍ବଦା ଉଦ୍ୟମଶୀଳ ହେବା ଉଚିତ।
- ଦୟାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### ଶର୍ଟସର୍କିଟ ହୋଇ ଜଳିଗଲା ଟ୍ରାକ୍ଟର

**ରିଆମାଳ,୨।୧(ଡି.ଏନ୍.ଏ.):** ଦେବଗଡ଼ ଜିଲା ରିଆମାଳ ବ୍ଲକ ଟିଙ୍କବୀର ଗ୍ରାମରେ ଗୁରୁବାର ଧାନ ଅମଳ ଚାଲିଥିବା ବେଳେ ଏକ ଟ୍ରାକ୍ଟରରେ ନିଆଁ ଲାଗି ଯାଇଥିଲା। ଫଳରେ ଟ୍ରାକ୍ଟର ସହ ଥ୍ରେସର ମେଶିନ ପୋଡି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ମିଳିଥିବା ସୂଚନା ମୁତାବକ, ଗୁରୁବାର ପୂର୍ବାହ୍ନ ୧୧ଟାରେ ଟିଙ୍କବୀର ଗ୍ରାମର ବିଜୟ ନାଏକଙ୍କ ଟ୍ରାକ୍ଟର(ନଂ.ଓଡି୧୫ଏନ୍‌୪୫୫୪) ଗ୍ରାମର ବିଶ୍ୱନାଥ ନାଏକଙ୍କ ଖଳାରେ ଧାନ ଅମଳ କରୁଥିଲା। ସେତିକିବେଳେ ଶର୍ଟସର୍କିଟ ହୋଇ ଟ୍ରାକ୍ଟର ଇଞ୍ଜିନ ସହ ଥ୍ରେସର ମେଶିନରେ ନିଆଁ ଲାଗି ଯାଇଥିଲା। ଏପରିକି ପାଖରେ ଥିବା ପାଳଗଦାରେ ମଧ ନିଆଁ ବ୍ୟାପି ଯାଇଥିଲା। ଖବର ପାଇ ରିଆମାଳ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ହେଲେ ଟ୍ରାକ୍ଟର ଓ ଥ୍ରେସର ମେଶିନ ପୋଡି ନଷ୍ଟ ହୋଇଯାଇଛି। ଅନ୍ୟପକ୍ଷେ ବିଜୟ ଟ୍ରାକ୍ଟରରେ କୃଷି କାର୍ଯ୍ୟକରି ପରିବାର ଚଳାଉଥିଲେ। ଟ୍ରାକ୍ଟର ପୋଡିଯିବା ପରେ ସେ ସମ୍ପୂର୍ଣ୍ଣ ଭାଙ୍ଗି ପଡିଛନ୍ତି। ସେ ଜଣେ ଚାଷୀ ହୋଇଥିବାରୁ ତାଙ୍କୁ ସହାୟତା ପ୍ରଦାନ କରିବାକୁ ସାଧାରଣରେ ଦାବି ହୋଇଛି।

### ଅସହାୟ ମହିଳାଙ୍କୁ ସହାୟତା ଲାଗି ପଦକ୍ଷେପ

**ଦେବଗଡ଼, ୨।୧ (ଡି.ଏନ.ଏ.):** ଦେବଗଡ଼ ଜିଲା ଖିଲେଇ ପଞ୍ଚାୟତ ଲକ୍ଷ୍ମୀପୁର ଗ୍ରାମବାସୀ ଜଣେ ଅସହାୟ ମହିଳାଙ୍କୁ ଉଦ୍ଧାର କରିଥିଲେ। ଏନେଇ ଗ୍ରାମବାସୀ ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଭିନସେଣ୍ଟ ପୁନମକାନ୍ତ ଏକ୍କାଙ୍କୁ ସୂଚନା ଦେଇଥିଲେ। ଜିଲା ପ୍ରଶାସନ ପକ୍ଷରୁ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧୀର କୁମାର ନଇ, ଜିଲା ସମାଜ ମଙ୍ଗଳ ଅଧିକାରୀ ଜ୍ୟୋତ୍ସ୍ନା ରାୟ ଅସହାୟ ମହିଳାଙ୍କୁ ଆଣି ଗୁରୁବାର ପ୍ରଧାନପାଟଠାରେ ଥିବା ସଖୀ ୱାନ ଷ୍ଟପ୍ ସେଣ୍ଟରରେ ରଖିଛନ୍ତି। ମହିଳା ଜଣକ ରାଜ କୁମାରୀ ବୋଲି ନିଜ ନାମ କହୁଥିବା ବେଳେ ଠିକଣା କହିପାରୁ ନାହାନ୍ତି। ମହିଳାଙ୍କୁ ଚିକିତ୍ସା ପାଇଁ ଦେବଗଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପରେ ତାଙ୍କୁ ସ୍ୱଧାର ଗୃହକୁ ସ୍ଥାନାନ୍ତରିତ କରାଯିବ ବୋଲି ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନଇ ସୂଚନା ଦେଇଛନ୍ତି।

### ଚାଉଳବାଞ୍ଜି କପ୍ କ୍ରିକେଟ: ଜଳିଆବାହାଲକୁ ଟାଇଟଲ

**ଖପ୍ରାଖୋଲ, ୨।୧(ଡି.ଏନ.ଏ.):** ଖପ୍ରାଖୋଲ ବ୍ଲକ ଚାଉଳବାଂଜି ଖେଳ ପଡିଆରେ ଚାଉଳବାଞ୍ଜି ହେଡମାଷ୍ଟର ମେମୋରିଆଲ କପ୍ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳ ଜଳିଆବାହାଲ ଓ ନାନ୍ଦୁପଲା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଜଳିଆବାହାଲ ଦଳ ୧୨ ଓଭରରେ ୯ ଉଇକେଟ ହରାଇ ୧୧୫ ରନ୍ ସଂଗ୍ରହ କରିଥିଲା। ଏହାର ଜବାବରେ ନାନ୍ଦୁପଲା ଦଳ ନିର୍ଦ୍ଧାରିତ ଓଭରରେ ୯୨ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ଫଳରେ ଜଳିଆବାହାଲ ଦଳ ଚାମ୍ପିୟନ ହୋଇଥିଲା। ଅମ୍ପେୟାରଭାବେ ଆଶିସ ଦୀପ ଏବଂ ପ୍ରେମାନନ୍ଦ ବେହେରା ଖେଳ ପରିଚାଳନା ଓ ସ୍କୋରରଭାବେ ଅଜୟ ସେଠ କାର୍ଯ୍ୟ ସମ୍ପାଦନ କରିଥିଲେ। ମୀନିକେତନ ଦାଶ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ଆୟୋଜିତ ଉଦଯାପନୀ ଉତ୍ସବରେ କ୍ରିକେଟ କ୍ଲବ ସଭାପତି ଶେଷଦେବ ଧରୁଆ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ସଂଗ୍ରାମ ବୁଡେକ, ସମ୍ମାନିତ ଅତିଥି ଭାବେ ଜ୍ୟୋତିରଞ୍ଜନ ପଣ୍ଡା, ଧରମ ସିଂ ଧରୁଆ ପ୍ରମୁଖ ଯୋଗଦେଇଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହ ନଗଦ ଅର୍ଥ ରାଶି ପ୍ରଦାନ କରାଯାଇଥିଲା। ଦଶ ଦିନ ଧରି ଟୁର୍ନାମେଣ୍ଟ ଆୟୋଜିତ ହୋଇଥିବାବେଳେ ୨୪ଟି ଦଳ ଭାଗ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡିଲେଶ୍ୱର ବେହେରା, ଚନ୍ଦ୍ରମଣି ଦାଶ, ନାରାୟଣ ବରିହାଙ୍କ ସମେତ କ୍ରିକେଟ କ୍ଲବ ସଦସ୍ୟମାନେ ଉପସ୍ଥିତ ଥିଲେ।

### ମା'କୁଶଙ୍ଗାଇ କପ୍ ଫୁଟବଲ: ଖରମୁଣ୍ଡା ଚାମ୍ପିୟନ

**ଲୋଇସିଂହା,୨।୧(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କୁଶଙ୍ଗଠାରେ ଚାଲିଥିବା ମା' କୁଶଙ୍ଗାଇ କପ ଫୁଟବଲ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲରେ ୩-୧ ଗୋଲରେ ସାଇଟ ସଦାଇପାଲିକୁ ହରାଇ ବିଜେପୁର ଖରମୁଣ୍ଡା ଚାମ୍ପିୟନ ହୋଇଛି। ଯୁଥ ଫୁଟବଲ ଆସୋସିଏଶନ ଆନୁକୂଲ୍ୟରେ ହାଇସ୍କୁଲ ପଡିଆରେ ଗତ ୨୭ ତାରିଖଠାରୁ ଟୁର୍ନାମେଣ୍ଟ ଆରମ୍ଭ ହୋଇଥିଲା।

---

ରୋଗୀ କଲ୍ୟାଣ ସମିତି ବୈଠକ

# ରୋଗୀଖାଦ୍ୟ, ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଟେଣ୍ଡର ହେବ

**ସୋନପୁର,୨।୧(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ରୋଗୀ କଲ୍ୟାଣ ସମିତିର କାର୍ଯ୍ୟକାରୀ କମିଟି ବୈଠକ ଜିଲାପାଳଙ୍କ ପ୍ରକୋଷ୍ଠରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କମିଟି ଅଧ୍ୟକ୍ଷ ତଥା ଜିଲାପାଳ ମୋନିଷା ବାନାର୍ଜୀ ଏଥିରେ ସଭାପତିତ୍ୱ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଦିଲ୍ଲିପ କୁମାର ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବୈଠକରେ ସମିତିର ଆୟବ୍ୟୟ, ସ୍ୱାସ୍ଥ୍ୟକେନ୍ଦ୍ରର ପାରିପାର୍ଶ୍ୱିକ ଉନ୍ନତି, ପରିମଳ ବ୍ୟବସ୍ଥା ଓ ଆଟେଣ୍ଡାଣ୍ଟ ସେବା ସମ୍ପର୍କରେ ଆଲୋଚନା ହୋଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ର କୋଠା ଛାତ ଉପରେ ପ୍ରାୟ ୪୬ଟି ସିନଟେକ୍ସ ପାଣି ଟାଙ୍କି ରହିଛି। ଏଥିଯୋଗୁଁ ପୁରୁଣା ଛାତରୁ ପାଣି ଗଳୁଛି। ଛାତର ସୁରକ୍ଷା ତଥା ସୁସ୍ଥ ପରିବେଶ ପାଇଁ ଏ ସବୁକୁ ହଟାଇବା ଜରୁରି। ତେଣୁ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଓଭରହେଡ ପାଣି ଟାଙ୍କି ନିର୍ମାଣ ପାଇଁ ସମିତିର ସଭ୍ୟ ଗୋବିନ୍ଦ ମହାରଣା ପ୍ରସ୍ତାବ ଦେଇଥିଲେ। ଆସନ୍ତା ୧ ସପ୍ତାହ ମଧ୍ୟରେ ଜନସ୍ୱାସ୍ଥ୍ୟ ବିଭାଗ ଓଭରହେଡ ପାଣି ଟାଙ୍କିର ବ୍ୟୟ ଅଟକଳ ପ୍ରସ୍ତୁତ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ସେହିପରି ମ୍ୟୁନିସିପାଲିଟି ପ୍ରତିଦିନ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରୁ ବର୍ଜ୍ୟବସ୍ତୁ ଉଠାଇବା ପାଇଁ ଜିଲାପାଳ କହିଥିଲେ। ଆଉଟସୋର୍ସିଂ ସଂସ୍ଥା ଦ୍ୱାରା ରୋଗୀଙ୍କୁ ଦୈନିକ ଖାଦ୍ୟ ପ୍ରଦାନ, ବାୟୋ ମେଡିକାଲ ବର୍ଜ୍ୟବସ୍ତୁ

**ଓଭରହେଡ ପାଣି ଟାଙ୍କି ପାଇଁ ବ୍ୟୟ ଅଟକଳ ପ୍ରସ୍ତୁତ ହେବ**

ପରିଚାଳନା ଓ ଚା ଷ୍ଟଲ ପାଇଁ ଟେଣ୍ଡର ଆହ୍ୱାନ କରିବା ପାଇଁ ସମିତି ବୈଠକରେ ନିଷ୍ପତ୍ତି ହୋଇଥିଲା। ଚିକିତ୍ସିତ ହେଉଥିବା ରୋଗୀଙ୍କ ପାଇଁ ଭଲ ବେଡ୍, ସଫା ବେଡ ସିଟ୍ ଓ ଆଟେଣ୍ଡାଣ୍ଟଙ୍କୁ ଚୌକି ପ୍ରଦାନ ଉପରେ ଗୁରୁତ୍ୱ ଦିଆଯାଇଥିଲା। ପ୍ରସୂତି ଗୃହକୁ ଠିକ୍ ଭାବେ ମରାମତି କରିବା ଓ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଭଲ ପରିବେଶ ସୃଷ୍ଟି ପାଇଁ ମ୍ୟୁଜିକ୍ ସିଷ୍ଟମ ଶୀଘ୍ର ଲଗାଇବା ସକାଶେ ସ୍ଥିର ହୋଇଥିଲା। ସେପ୍ଟେମ୍ବର ୧ ତାରିଖଠାରୁ ବର୍ତ୍ତମାନ ସୁଦ୍ଧା ରୋଗୀ କଲ୍ୟାଣ ସମିତିର ୧ଲକ୍ଷ ୪୯ହଜାର ୮୭୦ଟଙ୍କା ବ୍ୟୟ ହୋଇଥିବା ବେଳେ ଆକାଉଣ୍ଟରେ ୩୦ଲକ୍ଷ ୪୦ହଜାର ଟଙ୍କା ଗଛିତ ରହିଛି। ସେହିପରି ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବିକାଶ ଯୋଜନା ବନ୍ଦ ଥିବା ବେଳେ ଆକାଉଣ୍ଟରେ ୧୮ଲକ୍ଷ ୫୪ହଜାର ଟଙ୍କା ଅଛି। ବିଜୁ କୃଷକ କଲ୍ୟାଣ ଯୋଜନାରେ ୧ଲକ୍ଷ ୯୧ହଜାର ୪୬୪ଟଙ୍କା ବ୍ୟୟ ହୋଇଥିବା ବେଳେ ଆକାଉଣ୍ଟରେ ୪୩ଲକ୍ଷ ୪୧ହଜାର ଟଙ୍କା ଗଚ୍ଛିତ ଥିବା ହିସାବରକ୍ଷକ ଅବିନାଶ ହୋତା ସୂଚନା ଦେଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡାକ୍ତର ପ୍ରମୋଦ କୁମାର ବିଶ୍ୱାଳ, ଏଡିଏମଓ ପରିବାର କଲ୍ୟାଣ ଡାକ୍ତର ଦୈତ୍ୟ ନାରାୟଣ ପାଢୀ, ଡାକ୍ତର ପଦ୍ମହଂସା ଦୋରା, ଜିଲା ସମାଜ ମଙ୍ଗଳ ବିଭାଗର ପ୍ରୋଗ୍ରାମ ଅଫିସର ଅନିତା ଗୁରୁ, ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ ଅସିତ କୁମାର ବଡପଣ୍ଡା, ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀ ଇଂ ବିପିନ ବିହାରୀ ଦାଶ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଶିକ୍ଷା ଅଧିକାରୀ ପୁଷ୍ପା ମିଞ୍ଜ, ଏନଏଚଏମ ଡିପିଏମ ହିମାଂଶୁ କର, ବଲାଙ୍ଗୀର ଏମ୍‌ପିଙ୍କ ପ୍ରତିନିଧି ଜିତେନ୍ଦ୍ର ପଟ୍ଟନାୟକ, ଜନସ୍ୱାସ୍ଥ୍ୟ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ଇନ୍ଦ୍ରଜିତ ସାହୁ, ସହକାରୀ ନିର୍ବାହୀ ଯନ୍ତ୍ରୀ ଇଲେକ୍ଟ୍ରିକାଲ୍ସ ଇଂ ଶଶୀଭୂଷଣ ପତି, ସ୍ୱାସ୍ଥ୍ୟକେନ୍ଦ୍ର ପରିଚାଳକ ହିତେଶ ତ୍ରିପାଠୀ, ପ୍ରଦ୍ୟୁମ୍ନ ସାହୁ, ସମିତିର ସଭ୍ୟା ଶାନ୍ତି ମଞ୍ଜରୀ ମିଶ୍ର ଓ ତାରିଣୀ ପାତ୍ର ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

---

## ରେଳଧାରଣାରୁ ଯୁବତୀ, ଯୁବକଙ୍କ ମୃତଦେହ ଉଦ୍ଧାର

ପ୍ରେମୀଯୁଗଳଙ୍କ ଆତ୍ମହତ୍ୟା ସନ୍ଦେହ

**ବଲାଙ୍ଗୀର ଅଫିସ,୨।୧**

ବଲାଙ୍ଗୀର ସହର ନିକଟ ମାଧିଆପାଲି ଓ ରିନବଚନ ଗାଁ ମଝି ରେଳଧାରଣାରୁ ଯୁବତୀ ଓ ଯୁବକଙ୍କ କ୍ଷତବିକ୍ଷତ ମୃତଦେହକୁ ରେଳବାଇ ପୋଲିସ ଗୁରୁବାର ଉଦ୍ଧାର କରିଛି। ମୃତ ଯୁବକଙ୍କ ବୟସ ପ୍ରାୟ ୨୫ ଓ ଯୁବତୀଙ୍କ ବୟସ ୨୦ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ଏହି ଦୁଇ ଯୁବତୀ ଓ ଯୁବକ ପ୍ରେମୀ ଯୁଗଳ ଓ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ଏ ନେଇ ବଲାଙ୍ଗୀର ରେଳବାଇ ପୋଲିସ ଥାନାରେ ଦୁଇଟି ଅପମୃତ୍ୟୁ ମାମଲା (ନଂ.୧ ଓ ୨/୨୦୨୦) ରୁଜୁ କରାଯାଇଛି। ମୃତଦେହକୁ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍‌ପିଟାଲ ଶବାଗାରରେ ରଖାଯାଇଛି।

---

## ଫଟୋରେ ଖବର





ସମ୍ବଲପୁରରେ ୫ରୁ ଆରମ୍ଭ ହେବାକୁଥିବା ସି.କେ. ନାଇଡୁ କ୍ରିକେଟ ମ୍ୟାଚ ପାଇଁ ଓଡ଼ିଶା ଓ ସିକିମ ଦଳ ଗୁରୁବାର ସମ୍ବଲପୁରରେ ପହଞ୍ଚିଛି।

---

ପଏଁରୀ ତିହାରର ଦ୍ୱିତୀୟ ସନ୍ଧ୍ୟା

# ନୃତ୍ୟଗୀତରେ ଦୁଲୁକିଲା ମଞ୍ଚ

**ସୋନପୁର,୨।୧(ନି.ପ୍ର.)**

ପଶ୍ଚିମ ଓଡିଶାର ପାରମ୍ପରିକ ଲୋକନୃତ୍ୟ ଓ ଗୀତରେ ଗୁରୁବାର ପଏଁରୀ ତିହାରର ଦ୍ୱିତୀୟ ସନ୍ଧ୍ୟାର ମଞ୍ଚ ଦୁଲୁକି ଉଠିଥିଲା। ଢୋଲ, ନିଶାନ ଓ ବଂଶୀ ସ୍ୱରର ତାଳେ ତାଳେ ଭୀମଭୋଇ କଳା ମଣ୍ଡପରେ କଳାକାରମାନେ ପାରମ୍ପରିକ ଲୋକନୃତ୍ୟ ଓ ଲୋକ ସଙ୍ଗୀତ ପରିବେଷଣ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ମୁଗ୍ଧ କରିଥିଲା। ସନ୍ଧ୍ୟାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଦର୍ଶକମାନେ ରସରକେଲି, ବଜନିଆ, ଚୁଟ୍‌କୁଚୁଟା ଓ ପତରସଉରା ଭଳି ନୃତ୍ୟରେ ଝୁମିଥିଲେ। ଜାତୀୟସ୍ତରର ଏହି ଲୋକ ନୃତ୍ୟ ଓ ବାଦ୍ୟ ଉତ୍ସବରେ ଅନୁଷ୍ଠାନର ସଭାପତି ଲଡୁ କିଶୋର ମଲ୍ଲିକ ଅଧ୍ୟକ୍ଷତା କରିଥିଲେ। ଏଥିରେ କନିଷ୍ଠ ବାଣିଜ୍ୟ ଅଧିକାରୀ ତୁଳାରାମ କଲେତ ଅତିଥି ଭାବେ ଯୋଗଦେଇ ସୁବର୍ଣ୍ଣପୁରର ଲୋକକଳା, ସଂସ୍କୃତି ଓ ଲୋକବାଦ୍ୟ ମହାନ ବୋଲି କହିଥିଲେ। ଲୁପ୍ତ ପାଇବାକୁ ବସିଥିବା ଏହି କଳାକୁ ବଞ୍ଚାଇ ରଖିବାକୁ ପଏଁରୀର ପ୍ରୟାସକୁ ସେ ପ୍ରଶଂସା କରିଥିଲେ। ମ୍ୟୁନିସିପାଲିଟି ଇଓ ଜଗଦୀଶ ଚନ୍ଦ୍ର ମହାନନ୍ଦ, ଡିଆଇପିଆରଓ ହରି ଚରଣ ମିଶ୍ର, ସୋନପୁର-ମନମୁଣ୍ଡା ପ୍ରାତଃଭ୍ରମଣ ସ୍ୱଚ୍ଛଭାରତ ସଂଗଠନ ସଭାପତି ଲକ୍ଷ୍ମୀନାରାୟଣ ମେହେର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଲୋକ ସଂସ୍କୃତି ଓ ଲୋକକଳା ଅଞ୍ଚଳର ପ୍ରଗତି ସହିତ ଜଡିତ ବୋଲି କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥିଭାବେ ପଏଁରୀ ଉପଦେଷ୍ଟା ଅଭିମନ୍ୟୁ କୁଶଳ ଓ ଶ୍ରୀବତ୍ସ ମଲ୍ଲିକ ପ୍ରମୁଖ ଯୋଗଦେଇ ସଂସ୍କୃତି ବଞ୍ଚିବାର ସ୍ପନ୍ଦନ। ଭାଷା, ସଂସ୍କୃତି ଓ କଳାର ସଂରକ୍ଷଣ ଏବଂ ପ୍ରସାର ପାଇଁ ୨୦ ବର୍ଷ ଧରି ଅନୁଷ୍ଠାନର ଉଦ୍ୟମକୁ ଅତିଥି ବୃନ୍ଦ ପ୍ରଶଂସା କରିଥିଲେ। ସମ୍ପାଦକ ଚୌଧୁରୀ ବିଭାର ସଭା ସଂଯୋଜନା କରିଥିଲେ। ଯୁବ ସାମାଜିକକର୍ମୀ ମନୋଜ ପଣ୍ଡାଙ୍କୁ ସମ୍ମାନିତ କରାଯାଇଥିଲା। ସମ୍ବଲପୁର କଳାକେନ୍ଦ୍ର ଅନୁଷ୍ଠାନର କଳାକାର ଚୁଟ୍‌କୁଚୁଟା, ପଏଁରୀ ଅନୁଷ୍ଠାନର କଳାକାର ରସରକେଲି, ହରିଆନା ଧର୍ମପୁତ୍ର କଳା ମଞ୍ଚର କଳାକାର ଫଗ୍ ନୃତ୍ୟ, ବିନିକା ରୁମୁକୁଝୁମାନା ଅନୁଷ୍ଠାନର କଳାକାର ବଜନିଆ ଓ ବାସୁଦେବପୁରର କଳାକାର ପତରସଉରା ନୃତ୍ୟ ପରିବେଷଣ କରିଥିଲେ। ସଭା ପ୍ରାରମ୍ଭରେ ମୁସ୍କାନ ମଲ୍ଲିକ, ସୀମାରାଣୀ ଭୋଇ, ଦେବାନନ୍ଦ ଦାସ, ଶ୍ରୀକାନ୍ତ ସା, ଚେତନ ବେହେରା, ଶାଶ୍ୱତ ତ୍ରିପାଠୀ, ହରି ଓଁ କୁଶଳ ଓ ନାରାୟଣ ମହାକୁଡ ଲୋକ ସଙ୍ଗୀତ ଗାନ କରିଥିଲେ। ମଧ୍ୟାହ୍ନରେ ପତ୍ର ସଉଁରା-ସଉଁରାଣୀ ଶୀର୍ଷକ କର୍ମଶାଳା ଅନୁଷ୍ଠିତ ହୋଇଥିଲା।



ପଏଁରୀ ଅନୁଷ୍ଠାନର କଳାକାର ରସରକେଲି ନୃତ୍ୟ ପରିବେଷଣ କରୁଛନ୍ତି।

---

ଫେବୃୟାରୀ ୨୧ରେ ମହାଶିବରାତ୍ରି ଉତ୍ସବ

## ଚମ୍ପକେଶ୍ୱର ମନ୍ଦିରରେ ପ୍ରସ୍ତୁତି ବୈଠକ

**ଦେବଗଡ଼,୨।୧ (ଡି.ଏନ୍.ଏ.)**

ମହାଶିବରାତ୍ରି ଉତ୍ସବ ପାଳନ ଉପଲକ୍ଷେ ଚମ୍ପକେଶ୍ୱର ଶିବ ମନ୍ଦିରରେ କମିଟି ସମ୍ପାଦକ ଈଶ୍ୱର ଦାଶଙ୍କ ନେତୃତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବରିଷ୍ଠ ଆଇନଜୀବୀ ପ୍ରଭାସ ଚନ୍ଦ୍ର ମିଶ୍ର ସଭାପତିତ୍ୱ କରିଥିଲେ। ବୈଠକରେ ଆସନ୍ତା ଫେବୃୟାରୀ ୨୧ତାରିଖରେ ହେବାକୁ ଥିବା ମହାଶିବରାତ୍ରି ଉତ୍ସବ ପାଳନ ନେଇ ବିଭିନ୍ନ ବିଷୟରେ ଆଲୋଚନା ହୋଇଥିଲା। ଚମ୍ପକେଶ୍ୱର ମନ୍ଦିରକୁ ଦେବୋତ୍ତର ବିଭାଗ ପକ୍ଷରୁ ଏକ ସାତଜଣିଆ ମ୍ୟାନେଜିଂ ଟ୍ରଷ୍ଟି ଅଧୀନରେ ରକ୍ଷଣାବେକ୍ଷଣର ଦାୟିତ୍ୱ ହସ୍ତାନ୍ତର କରାଯାଇଛି। ଏନେଇ ବୈଠକରେ ମନ୍ଦିରର ପ୍ରକୃତ ନିଜସ୍ୱ ଜମି ଚିହ୍ନଟ କରାଯାଇ ପାଚେରି ନିର୍ମାଣ ସହିତ ବିଭିନ୍ନ ଉନ୍ନତିମୂଳକ କାମ କରିବାକୁ ଆଲୋଚନା କରାଯାଇଥିଲା। ମନ୍ଦିର ପରିସର ସଫା କରିବା ସହ ଶ୍ରଦ୍ଧାଳୁମାନେ କିପରି ମହାଦେବଙ୍କୁ ଶୃଙ୍ଖଳିତ ଭାବେ ଦର୍ଶନ କରିବେ ସେନେଇ ବିଭିନ୍ନ ବ୍ୟବସ୍ଥା କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ପୂର୍ବତନ ସଭାପତି ସୁଶୀଳ କୁମାର କପରଦାର, ଆଇନଜୀବୀ ସରୋଜ କୁମାର ପାତ୍ର, ପ୍ରଦୀପ ଛତ୍ରିଆ, ରାଧେଶ୍ୟାମ ବରାଇ, ଶଶାଙ୍କ ନାୟକ, ସତ୍ୟାନନ୍ଦ ସାହୁ, ବୈରାଗୀ ନାୟକ, ଶ୍ରବଣ ନାୟକ, ଧବଳେଶ୍ୱର ପଣ୍ଡା, ବିନୋଦ ବିହାରୀ ଦେବତା, ସୁଶାନ୍ତ କୁମାର ଅମାନ୍ତ, ସଧୀର କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

---

# ୬ରୁ ପ୍ରଧାନପାଟ ଫୁଟବଲ କପ୍

**ଦେବଗଡ,୨।୧ (ଡି.ଏନ୍.ଏ.)**

ସ୍ଥାନୀୟ ଇନ୍ଦିରାଗାନ୍ଧୀ ଷ୍ଟାଡ଼ିୟମ୍‌ରେ ୬ତାରିଖରୁ ୧୨ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ପ୍ରଧାନପାଟ ଫୁଟବଲ କପ୍ ନେଇ ଗୁରୁବାର କ୍ଲବ ପକ୍ଷରୁ ସଭାପତି ସୁବାସ ଭୋଇଙ୍କ ଅଧ୍ୟକ୍ଷତାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କପ୍‌ରେ ୮ଟି ଟିମ୍ ମଧ୍ୟରେ ଖେଳ ଅନୁଷ୍ଠିତ ହେବ ବୋଲି ସଭାପତି ସୁବାସ ଭୋଇ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ବିକାଶ ପ୍ରଧାନ, ବିକାଶ ଅଗ୍ରୱାଲ ପ୍ରମୁଖ ମଞ୍ଚାସୀନ ଥିଲେ। ଦେବଗଡ଼ ଜିଲାରେ ଫୁଟବଲ ଖେଳର ପ୍ରଚାରପ୍ରସାର ପାଇଁ କ୍ଲବ ପକ୍ଷରୁ ପ୍ରଧାନପାଟ ଫୁଟବଲ କପ୍‌ର ଆୟୋଜନ କରାଯାଉଥିବା କ୍ଲବ ପକ୍ଷରୁ କୁହାଯାଇଛି। ସମ୍ମିଳନୀରେ ପ୍ରଦୀପ ବେହେରା, ଅନନ୍ତ ମେହେର, ନନ୍ଦ ମାଝିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ ସଭାପତି ସୁବାସ ଭୋଇ ଗଣମାଧ୍ୟମକୁ ସୂଚନା ଦେଉଛନ୍ତି।

---

No.12 **GOVERNMENT OF ODISHA** Date: 02.01.2020

**PANCHAYAT SAMITI OFFICE, HEMGIR, DIST-SUNDARGARH**

**TENDER CALL NOTICE NO.01 OF 2019-20, e-mail : ori-hemgiri@nic.in**

The Block Development Officer, Hemgir, Sundargarh invites Percentage Rate basis for the following works in sealed tender on behalf of Government of Odisha from registered and eligible contractor of the state P.W.D (R&B)/Water Resource / Rural works / Minor Irrigation / C.P.W.D for the following works eventually to be drawn up in the PI forms in conformity with the Detail Tender Call Notice. The bidders may submit bids for the following works.

| Sl. No. | Name of the G.P. | Name of the work | Estimated cost in (Lakh) | Amount put to tender (In Rs.) | Cost of tender Papers (non-refundable in Rs.) | Bid security EMD 1% (In Rs.) | Period of Completion | Class of Contractor |
|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 |
| 1 | Tumulia | Construction of AWC Building at Parjapada | 14.72 | 1259252.00 | 6000.00 | 12600.00 | 06 (Six Calendar Months) | D&C Class |
| 2 | Tumulia | Construction of AWC Building at Mundadhipa | 14.72 | 1259252.00 | 6000.00 | 12600.00 | 06 (Six Calendar Months) | D&C Class |
| 3 | Tumulia | Construction of AWC Building at Sahaspur | 14.72 | 1259252.00 | 6000.00 | 12600.00 | 06 (Six Calendar Months) | D&C Class |
| 4 | Tumulia | Construction of AWC Building at Garhdwar | 14.72 | 1259252.00 | 6000.00 | 12600.00 | 06 (Six Calendar Months) | D&C Class |
| 5 | Sumura | Construction of AWC Building at Sardega | 15.00 | 1266005.00 | 6000.00 | 12700.00 | 06 (Six Calendar Months) | D&C Class |
| 6 | Sumura | Construction of AWC Building at Bhamarpani | 15.00 | 1266005.00 | 6000.00 | 12700.00 | 06 (Six Calendar Months) | D&C Class |
| 7 | Sumura | Construction of AWC Building at Lebdajhore | 15.00 | 1266005.00 | 6000.00 | 12700.00 | 06 (Six Calendar Months) | D&C Class |
| 8 | Sanghumunda | Construction of AWC Building at Kiripsira | 15.02 | 1268107.00 | 6000.00 | 12700.00 | 06 (Six Calendar Months) | D&C Class |
| 9 | Laikera | Construction of AWC Building at Bandhapali | 15.09 | 1272010.00 | 6000.00 | 12700.00 | 06 (Six Calendar Months) | D&C Class |
| 10 | Laikera | Construction of AWC Building at Balijori | 15.09 | 1272010.00 | 6000.00 | 12700.00 | 06 (Six Calendar Months) | D&C Class |
| 11 | Hemgir | Renovation of Shivsagar Bandh | 66.04 | 5896235.00 | 6000.00 | 59000.00 | 11(Eleven Calendar month) | B&A Class |

**Terms and conditions** - 1) Cost of Tender Paper: - The tender specifications can be obtained from the Office of the Block Development Officer, Hemgir on payment towards the cost of tender papers as mentioned above (Non refundable) in shape of Bank Draft drawn in favour of Block Development Officer, Hemgir, Sundargarh in any Nationalized Bank having its branch at Sundargarh on any working day from 04/01/2020 to 16/01/2020 for the above work. 2) Sale of Tender Papers :- The tender documents will be sold from 04/01/2020 to 16/01/2020 at Panchayat Samiti Office, Hemgir from 11.00 A.M. to 5.00 P.M. on working days only and shall be opened at 11.00 A.M. on 20.01.2020 in presence of the applicants or their authorized representatives. **Sd./- Block Development Officer, Hemgir**

---

ଘୁଡୁଘୁଡିପଟି ଖେଳ ସମୟରେ ପୋଲିସ ଚଢାଉ

# ୧୨ ହଜାର ଟଙ୍କା ଜବତ, ୩ ଗିରଫ

**ସୋନପୁର,୨।୧(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ସୋନପୁର ଥାନା ଗଏଲବେର୍ଣ୍ଣା ବୁର୍ଡା ରୋଡ ପଡିଆରେ ଗୁରୁବାର ଘୁଡୁଘୁଡିପଟି ଖେଳ ଚାଲିଥିଲା। ଫୁଟବଲ ଖେଳ ସରିବା ପରେ ପଡିଆରେ ବେଆଇନ ଭାବେ ଏହି ଖେଳ ଚାଲିଥିବା ପୋଲିସକୁ ସୂଚନା ମିଳିଥିଲା। ସୋନପୁର ଆଇଆଇସି ଲୋକେଶ ସାହୁଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ଟିମ୍ ଚଢାଉ କରି ୧୨ ହଜାର ୧୧୦ଟଙ୍କା ଜବତ କରିଛି। ଏହି ଘଟଣାରେ ସମ୍ବଲପୁର ଜିଲା ବୁର୍ଲା ଅଞ୍ଚଳର ଅବନି ପଟ୍ଟନାୟକ(୩୯), ବରଗଡ ଜିଲା ଭେଡେନ ଥାନା କଦଳୀପାଲିର ପାଣ୍ଡବ ବିଶି(୩୦) ଓ ଭେଡେନ ଥାନା ସାରସପାଲିର ରାଜା ମିର୍ଦ୍ଧା(୩୫)ଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି।



ଗିରଫ ୩ ଅଭିଯୁକ୍ତ।

---

**ଆଲ୍ଲାହାବାଦ ବ୍ୟାଙ୍କ**
(ଭାରତ ସରକାରଙ୍କ ଉପକ୍ରମ)
**ଭୁବନେଶ୍ୱର ମୁଖ୍ୟ ଶାଖା,** ୧୫୯, ବାପୁଜୀ ନଗର, ଭୁବନେଶ୍ୱର-୭୫୧୦୦୯

**ଦଖଲ ନୋଟିସ୍**
**(ସ୍ଥାବର / ଅସ୍ଥାବର ସମ୍ପତ୍ତି ନିମନ୍ତେ)**

କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ (ସିକ୍ୟୁରିଟି) ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୩ ଅନୁଯାୟୀ କ୍ଷମତା ପ୍ରୟୋଗ କରି ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ଦର୍ଶିତ ବକେୟା ରାଶି ଏବଂ ସେବାବଦ ସୁଧ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।
ଯେହେତୁ ଋଣଗ୍ରହୀତାମାନେ ସେମାନଙ୍କର ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ନିୟମର ଧାରା ୧୩(୪) ଅନ୍ତର୍ଗତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ଆକାଉଣ୍ଟର ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି।
ଏତଦ୍ ଦ୍ୱାରା ବିଶେଷ କରି ଋଣଗ୍ରହୀତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ନିମନ୍ତେ **ଆଲ୍ଲାହାବାଦ ବ୍ୟାଙ୍କ, ଭୁବନେଶ୍ୱର ମୁଖ୍ୟ ଶାଖା** ନିକଟରେ ଉତ୍ତରଦାୟୀ ରହିବେ।
***ଏତଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।***

| ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା / ସମ୍ପତ୍ତି ମାଲିକଙ୍କ ନାମ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡ଼ିମାଣ୍ଡ ନୋଟିସ୍ ତାରିଖ | ଦଖଲ ନୋଟିସ୍ ତାରିଖ | ଡ଼ିମାଣ୍ଡ ନୋଟିସ୍ ତାରିଖ ଅନୁଯାୟୀ ବକେୟା ଦେୟ |
|---|---|---|---|---|
| **ଋଣଗ୍ରହୀତାମାନେ: ଶ୍ରୀ ନିରୋଦ କୁମାର ନନ୍ଦ,** ପିତା: ହରିହର ନନ୍ଦ, ଏବଂ **ଜ୍ୟୋସ୍ନାରାଣୀ ପଣ୍ଡା,** ସ୍ୱା: ନିରୋଦ କୁମାର ନନ୍ଦ, ଉଭୟଙ୍କ ଠିକଣା: ସା-ଲିଙ୍ଗିପୁର, ପୋ-ଶିଶୁପାଳଗଡ, ଜିଲ୍ଲା-ଖୋର୍ଦ୍ଧା, ଭୁବନେଶ୍ୱର- ୭୫୧୦୦୨, **ସମ୍ପତ୍ତିର ମାଲିକ: ଶ୍ରୀ ନିରୋଦ କୁମାର ନନ୍ଦ।** | ସମ୍ପତ୍ତି (ଜମି ଏବଂ ଗୃହ)ର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୭୩୧/୧୨୯୪, ପ୍ଲଟ ନଂ.- ୧୫୨୬/୩୧୬୪, ଏରିଆ- ଏକର୦.୦୨୮ ଡିସିମିଲି, ଏବଂ ଖାତା ନଂ.- ୭୩୧/୧୨୯୨, ପ୍ଲଟ ନଂ.- ୧୫୨୭/୩୧୬୨, ଏରିଆ- ୦.୦୧୧ ଡିସିମିଲି, ସମୁଦାୟ ଏରିଆ- ଏକର୦.୦୩୯ ଡିସିମିଲି, ୮୩.ମୌଜା- ଲିଙ୍ଗିପୁର, ଡିଏସ୍‌ଆରଓ / ଥାନା- ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, ଚଉହଦି: ପୂର୍ବ- ରାସ୍ତା, ପଶ୍ଚିମ- ପ୍ଲଟ ନଂ.୧୫୨୮, ଉତର- ସୁଧୀର କୁମାର ନନ୍ଦ-ଏଲ୧୮୪୧, ଦକ୍ଷିଣ- କ୍ଷିରୋଦ କୁମାର ନନ୍ଦ। | ୨୮.୧୦.୨୦୧୯ | ୦୨.୦୧.୨୦୨୦ | ତା.୨୭.୧୦.୨୦୧୯ ସୁଦ୍ଧା **ଟ.୨୯,୦୦,୪୫୪.୩୯** + ସେବାବଦ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ |

**ସ୍ଥାନ-ଭୁବନେଶ୍ୱର, ତାରିଖ-୦୨.୦୧.୨୦୨୦** **କ୍ଷମତାପ୍ରାପ୍ତ ଅଧିକାରୀ, ଆଲ୍ଲାହାବାଦ ବ୍ୟାଙ୍କ**



ଯେଉଁମାନେ ଧନ୍ୟବାଦ ପାଇବାର ଯୋଗ୍ୟ, ସେମାନଙ୍କୁ ଧନ୍ୟବାଦ ଜଣାଇଲେ ସେମାନଙ୍କର କର୍ମ ପ୍ରବଣତା ଅଧିକରୁ ଅଧିକ ବଢ଼ିଯାଏ।
- ଉତ୍କଳଗୌରବ ମଧୁସୂଦନ ଦାସ

## ସଂକ୍ଷେପରେ

## ଲୋକ ମହୋତ୍ସବରେ ଅତିଥିଙ୍କୁ ନେଇ ବିବାଦ

**ସମ୍ବଲପୁର, ୨।୧ (ବ୍ୟୁରୋ):** ସମ୍ବଲପୁର ଲୋକମହୋତ୍ସବ ଜାନୁୟାରୀ ୪ ତାରିଖଠାରୁ ୩ ଦିନ ପର୍ଯ୍ୟନ୍ତ ଚାଲିବ। ଏଥିପାଇଁ ଜିଲା ପ୍ରଶାସନ ଓ ଆୟୋଜକ କମିଟି ପକ୍ଷରୁ ଅତିଥିମାନଙ୍କୁ ନିମନ୍ତ୍ରଣ କରାଯାଇଛି। ପୂର୍ବତନ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀଙ୍କୁ ନିମନ୍ତ୍ରଣ କରାଯାଇଥିବା ନେଇ ଚର୍ଚ୍ଚା ଯୋର ଧରିଛି। ଅନେକ ଲୋକ ଏହାକୁ ସମାଲୋଚନା, ବିରୋଧ ସହ ଅଭିଯୋଗ ମଧ କରୁଛନ୍ତି । ଯଦି ଜଣେ ପୂର୍ବତନ ବିଧାୟିକାଙ୍କୁ ଅତିଥି ଭାବେ ନିମନ୍ତ୍ରଣ କରାଯାଏ ତାହା ହେଲେ ସମ୍ବଲପୁର ଜିଲାରେ ଅନେକ ପୂର୍ବତନ ବିଧାୟକ, ସାଂସଦ, ଜିଲାପରିଷଦ ଅଧକ୍ଷଙ୍କ ଭଳି ରାଜନୈତିକ ପଦପଦବୀରେ ରହିଥିବା ବ୍ୟକ୍ତି ଅଛନ୍ତି। ସେମାନଙ୍କୁ ମଧ କାହିଁକି ନିମନ୍ତ୍ରଣ କରାଯାଇ ନାହିଁ ବୋଲି ଅଭିଯୋଗ ହେଉଛି । ତେବେ ଏ ସମ୍ପର୍କରେ ଆୟୋଜକ କମିଟି ନୋଡାଲ ଅଫିସର ପିଡି ଡିଆରଡିଏ ସୁକାନ୍ତ ତ୍ରିପାଠୀ କହିଛନ୍ତି ଯେ, ଜଣେ ପୂର୍ବତନ ବିଧାୟିକା ଭାବେ ତାଙ୍କୁ ଡକାଯାଇ ନାହିଁ । ସେ ଜିଲାର ଜଣେ ଆଦର୍ଶ ମହିଳା ଭାବେ ପରିଚିତ ଥିବାରୁ ନିମନ୍ତ୍ରଣ ଦିଆଯାଇଛି। ମହିଳାଙ୍କୁ ସମ୍ମାନ ଦେବା ଉଦ୍ଦେଶ୍ୟ ରହିଛି। ଆୟୋଜକ କମିଟିର ନିଷ୍ପତ୍ତି କ୍ରମେ ତାଙ୍କୁ ଡକାଯାଇଛି। ଏଥିରେ କୌଣସି ରାଜନୀତି କରିବାର ଉଦ୍ଦେଶ୍ୟ ନାହିଁ।



ଜଣେ ବ୍ୟକ୍ତିଙ୍କ ଘରକୁ ଗାଁ ଲୋକେ ଭାଙ୍ଗି ଦେଇଛନ୍ତି।



ଲୋକେ ପୋଲିସ ଗାଡିର କାଚ ଭାଙ୍ଗି ଦେଇଛନ୍ତି।



ଆହତ ଝାରବେଡ଼ା ଗ୍ରାମର ଜେମା ନାଏକ।

■ ସରକାରୀ ଜମି ଜବରଦଖଲ କରି ରହୁଥିଲେ

# ୧୩ ଘର ଭାଙ୍ଗିଦେଲେ ଗାଁ ଲୋକେ

**ନାକଟିଦେଉଳ, ୨।୧ (ଡି.ଏନ.ଏ.)**

- ସାହେବୀରେ ଉତ୍ତେଜନା
- ପୋଲିସ ଗାଡ଼ି ଭଙ୍ଗାରୁଜା
- ଜଣେ ମହିଳା ଆହତ

ସମ୍ବଲପୁର ଜିଲା ନାକଟିଦେଉଳ ଥାନା ଅନ୍ତର୍ଗତ ସାହେବୀ ଗ୍ରାମରେ ସରକାରୀ ଜମିରେ ରହୁଥିବା ୧୩ଟି ପରିବାରର ଘରଦ୍ୱାରକୁ ଗୁରୁବାର ଗାଁ ଲୋକେ ଭାଙ୍ଗି ଦେଇଛନ୍ତି। ଏଣୁ ବେଘର ହୋଇଥିବା ଏହି ପରିବାର ଉତ୍ତେଜିତ ହୋଇ ଉଠିଛନ୍ତି। ଦିନ ପ୍ରାୟ ୧ଟା ସମୟରେ ଗ୍ରାମର ଶତାଧିକ ପୁରୁଷ ଓ ମହିଳା ସଂଘବଦ୍ଧ ଭାବେ ଦେବା ବିଶ୍ୱାଳ, ଆଦିକନ୍ଦ ସାହୁ, ଜଗବନ୍ଧୁ ସାହୁ, ରମେଶ ସାହୁ, କପିଳ ସାହୁ, ଶରତ ଦେହୁରୀ, ରମେଶ ଦେହୁରୀ, ଗଣେଶ ଦେହୁରୀ ପ୍ରମୁଖ ୧୩ଟି ପରିବାରର ଘର ଭାଙ୍ଗିରୁଜି ଦେଇଥିବା ଅଭିଯୋଗ ହୋଇଛି। ଖବର ପାଇ ଅତିରିକ୍ତ ଏସ୍‌ପି ପ୍ରଦୀପ୍ତ କୁମାର ମହାପାତ୍ର, ରେଢାଖୋଲ ଉପଜିଲାପାଳ ଡୋଳାମଣି ପଟେଲ, ରେଢାଖୋଲ ଏସଡ଼ିପିଓ ହାଡ଼ିବନ୍ଧୁ ସ୍ୱାଇଁ, ନାକଟିଦେଉଳ ଥାନା ଅଧିକାରୀ ଇସ୍ମାଇଲ ଏକ୍କା, ତହସିଲଦାର ସୁକାନ୍ତ କୁମାର ନାଏକ, କିସିଣ୍ଡା ଥାନା ଅଧିକାରୀ ଚିତ୍ତରଞ୍ଜନ ନାଏକ ପ୍ରମୁଖ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଉଭୟପକ୍ଷଙ୍କୁ ବୁଝାସୁଝା କରିଥିଲେ ମଧ କିଛି ଫରକ ପଡ଼ି ନ ଥିଲା। ପୋଲିସ-ଗ୍ରାମବାସୀଙ୍କ ମଧ୍ୟରେ ବଚସା ହୋଇଥିଲା। ଉତ୍ୟକ୍ତ ମହିଳାମାନେ ନାକଟିଦେଉଳ ଥାନା ଗାଡ଼ିର ଆଗ ଓ ପଛ କାଚ ଭାଙ୍ଗି ଦେଇଛନ୍ତି। ଅପର ପକ୍ଷରେ ପୋଲିସ ଧକ୍କା ମାରିବାରୁ ଝାରବେଢ଼ା ଗ୍ରାମର ଜେମା ନାଏକ ନାମ୍ନୀ ଜଣେ ମହିଳା ଆହତ ହୋଇଥିବା ଅଭିଯୋଗ ହୋଇଛି। ତାଙ୍କ ମୁଣ୍ଡରେ ଆଘାତ ଲାଗିଥିବାରୁ ଆହତ ମହିଳାଙ୍କୁ ରେଢାଖୋଲ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ତେବେ ପୋଲିସ ମାଡ଼ରେ ନୁହେଁ ବରଂ ଘର ଭାଙ୍ଗୁଥିବା ବେଳେ କାଠ ପଡ଼ି ତାଙ୍କ ମୁଣ୍ଡ ଫାଟିଛି ବୋଲି ପୋଲିସ କହିଛି। ଉତ୍ତେଜନା ଲାଗି ରହିଥିବାରୁ ଗାଁରେ ଗୋଟିଏ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ସାହେବୀ ପଞ୍ଚାୟତ ଅଫିସ ନିକଟରେ ସରକାରୀ ଜମିକୁ କିଛି ବ୍ୟକ୍ତି ଜବର ଦଖଲ କରି ଘର ତିଆରି କରି ରହୁଛନ୍ତି। ଏଣୁ ସେମାନଙ୍କୁ ଉଚ୍ଛେଦ ଲାଗି ଗ୍ରାମବାସୀ ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ କରି ଆସୁଛନ୍ତି। ହେଲେ ସଂପୃକ୍ତ ବ୍ୟକ୍ତିମାନେ ନିଜକୁ ଭୂମିହୀନ ଦର୍ଶାଇ ସେଠାରେ ଘର କରି ଦୀର୍ଘଦିନ ହେଲା ରହି ଆସୁଛନ୍ତି। ଏଥ ଜମି ପାଇଁ ବିଭିନ୍ନ ସମୟରେ ସେମାନେ ଜରିମାନା ମଧ ଦେଇଥିବା କହିଛନ୍ତି। ଅନ୍ୟପକ୍ଷେ ଦେଢ ବର୍ଷ ତଳେ ଗ୍ରାମବାସୀ ଏହି ଜମିରୁ ଜବରଦଖଲ ଉଚ୍ଛେଦ କରିବାକୁ ଯାଇ ଘରଦ୍ୱାର ଭାଙ୍ଗି ପୋଡ଼ାଜଳା ମଧ କରିଥିଲେ। ଏହାକୁ ନେଇ ପ୍ରଶାସନ ପକ୍ଷରୁ ଉଭୟ ଗୋଷ୍ଠୀକୁ ନେଇ ଶାନ୍ତି ଆଲୋଚନା ମଧ ହୋଇଥିଲା। ତେବେ ଆଜି ଯାଏ ଏହାର ସମାଧାନ ହୋଇପାରି ନାହିଁ। ସୂଚନାଯୋଗ୍ୟ, ଏହି ସରକାରୀ ଜମି ଉପରେ ଘର କରିଥିବା ବ୍ୟକ୍ତିମାନେ ହାଇକୋର୍ଟରୁ ସ୍ଥଗିତାଦେଶ ଆଣିଛନ୍ତି।

## ୪ ଶିଶୁ ଶ୍ରମିକ ଉଦ୍ଧାର

**ସମ୍ବଲପୁର, ୨।୧ (ବ୍ୟୁରୋ)**

ସମ୍ବଲପୁର ଟାଉନ ଥାନା ପୋଲିସ ୪ ଜଣ ଶିଶୁ ଶ୍ରମିକଙ୍କୁ ଗୁରୁବାର ଉଦ୍ଧାର କରିଛି। ବାଲିବନ୍ଧା ନିକଟରେ ବାଳକମାନେ ବୁଲୁଥିବା ସମୟରେ ସ୍ଥାନୀୟ ଯୁବକମାନେ ଦେଖି ପୋଲିସକୁ ଖବର ଦେଇଥିଲେ। ପହଞ୍ଚି ଚାଇଲ୍ଡ ଲାଇନକୁ ଖବର ଦେଇଥିଲା। ଶିଶୁ ସୁରକ୍ଷା କଲ୍ୟାଣ ସମିତି, ଚାଇଲ୍ଡ ଲାଇନ ସଦସ୍ୟ ପହଞ୍ଚି ଉଦ୍ଧାର ୪ ବାଳକଙ୍କୁ ପଚାରି ବୁଝିଥିଲେ। ସେମାନଙ୍କୁ ଏବେ ରୁକ୍ମିଣୀ ଲାଠ ବାଳନିକେତରେ ରଖା ଯାଇଛି। ସମସ୍ତଙ୍କ ପରିବାର ବର୍ଗଙ୍କୁ ଏ ନେଇ ଖବର ଦିଆଯାଇଛି। ଗଞ୍ଜାମ ଜିଲାର ପ୍ରାୟ ୭ ଜଣ ବାଳକ ଆସି ମୁଦିପଡାରେ ୩ ଭାଇଙ୍କ ପାଖରେ କାମ କରୁଛନ୍ତି। ଦୋକାନ ସହିତ ଘର କାମରେ ମଧ ନିୟୋଜିତ ହୋଇଛନ୍ତି। ହେଲେ ପ୍ରାୟ ସମୟରେ ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଉଛି। ୪ମାସ ହେଲା ଠିକ୍ ଭାବରେ ଦରମା ମିଳିନି। ଏପରିକି ଖାଇବା ପିଇବାକୁ ମଧ ଠିକ ଭାବରେ ନ ଦେଇ ମାଡପିଟ କରାଯାଉଥିବା ନେଇ ଏମାନେ ଅଭିଯୋଗ କରଛନ୍ତି। ମାସିକ ୧୫ ଶହରୁ ୨ ହଜାର ଟଙ୍କା ପର୍ଯ୍ୟନ୍ତ ଦେବାକୁ କହି ସେମାନଙ୍କୁ ଘରୁ ଅଣାଯାଇଥିଲା। ଆର୍ଥିକ ଅନାଟନ ଯୋଗୁ ପରିବାର ବର୍ଗ ମଧ ରାଜି ହୋଇଯାଇଥିଲେ। ହେଲେ ନିର୍ଯାତନା ଦିଆଯିବାରୁ ଏମାନେ କାନ୍ଦି କାନ୍ଦି ବାଲିବନ୍ଧା ନିକଟରେ ଯୁବକ ମାନଙ୍କୁ ଘଟଣା ସମ୍ପର୍କରେ କହିଥିଲେ।



ସମ୍ବଲପୁର ଜିଲାପାଳଙ୍କ ଅଫିସ ପରିସରରେ ଏନ୍‌ଏଲ୍‌ସି କମ୍ପାନୀ ଅଧିକାରୀଙ୍କୁ ବିସ୍ଥାପିତମାନେ ଘେରିଯାଇ ଦାବିପତ୍ର ପ୍ରଦାନ କରୁଛନ୍ତି।

# ସ୍ଥାନୀୟ ନିଯୁକ୍ତି ଦାବିରେ ଧାରଣା ଦେଲେ ଅଞ୍ଚଳବାସୀ

**ସମ୍ବଲପୁର/ରେଙ୍ଗାଲି, ୨।୧ (ବ୍ୟୁରୋ/ଡି.ଏନ.ଏ):** ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଖିଣ୍ଡା ପଞ୍ଚାୟତ ତଲାବିରା-୨ ଏବଂ ୩ କୋଇଲା ଖଣିରୁ କୋଇଲା ଉତ୍ତୋଳନ ଲାଗି କାମ ଆରମ୍ଭ ହେବାକୁ ପ୍ରସ୍ତୁତି ଶେଷ ହୋଇଛି। ହେଲେ ପ୍ରଶାସନ ଦେଇଥିବା ନିଯୁକ୍ତି ପ୍ରତିଶ୍ରୁତି ପାଳନ କରାଯାଇନାହିଁ। ତେଣୁ ବୀର ସୁରେନ୍ଦ୍ର ସାଏ ଶ୍ରମିକ ସଂଘ ପକ୍ଷରୁ ଏନଏଲସି କମ୍ପାନୀର ସବ୍‌କଣ୍ଟ୍ରାକ୍ଟର ଆଦାନୀ କମ୍ପାନୀର କାର୍ଯ୍ୟାଳୟ ଗେଟ୍ ସମ୍ମୁଖରେ ଗୁରୁବାର ସକାଳ ୯ଟାରୁ ୫ଟା ପର୍ଯ୍ୟନ୍ତ ସ୍ଥାନୀୟ ଲୋକେ ଧାରଣାରେ ବସିଥିଲେ। ହେଲେ କମ୍ପାନୀ ପକ୍ଷରୁ କେହି ଆଲୋଚନା କରିବାକୁ ଆସି ନ ଥିଲେ। ଏଣୁ ଶନିବାର ପର୍ଯ୍ୟନ୍ତ କମ୍ପାନୀର ମୁଖ୍ୟ ଫାଟକରେ ତାଲା ମରାଯିବ ବୋଲି ସଂଘ ସଭାପତି ବାବୁଲୁ ରାଉତ କହିଛନ୍ତି। ହିମାଂଶୁ ମଲ୍ଲିକ, ସୁବୋଧ ବିଶ୍ୱାଳ, ସନ୍ତୋଷ ମେହେର, ସଞ୍ଜୟ ବେହେରା, ସଞ୍ଜୟ ନାୟକ, ନବୀନ ରାଉତ, ଯତିନ ବେହେରା, ପ୍ରମୋଦ ଦାସ, ଗୋପାଳ ପୁରୋହିତ, ଟିଙ୍କୁ ଶତପଥୀ, କୃଷ୍ଣ ଭୋଇଙ୍କ ସମେତ ବହୁ ସ୍ଥାନୀୟ ଯୁବକ ଉପସ୍ଥିତ ଥିଲେ। ଗତ ନଭେମ୍ବର ୫ ତାରିଖ କମ୍ପାନୀ, ଜିଲା ପ୍ରଶାସନ ଏବଂ ବିସ୍ଥାପିତଙ୍କ ମଧ୍ୟରେ ତ୍ରିପାକ୍ଷିକ ବୈଠକ ବସିଥିଲା। ବୈଠକରେ ଗ୍ରାମବାସୀଙ୍କୁ ଭୁଆଁ ବୁଲାଇ କମ୍ପାନୀ ବଳ ପୂର୍ବକ ଗଛ କାଟି ଚାଲିଛି। ଏବେ ଲୋକଙ୍କ ଦାବି ପୂରଣ ନ କରି କୋଇଲା ଖନନ କାର୍ଯ୍ୟ ଆରମ୍ଭ କରିଲାଣି । ପ୍ରଥମେ ଦାବି ପୂରଣ କରାଯାଉ, ପରେ କମ୍ପାନୀ କାମ ଆରମ୍ଭ କରିବ ବୋଲି ଲୋକେ ଦାବି କରିଛନ୍ତି। କମ୍ପାନୀକୁ ପ୍ରଶାସନ ଅନୁକମ୍ପା ଦେଖାଉଛି। ନିଯୁକ୍ତି ଦିଆଯାଉନି। ସ୍ଥାନୀୟ ଅଞ୍ଚଳର ଉନ୍ନତିକରଣ କାମ ଆରମ୍ଭ କରାଯାଉ ନାହିଁ। ବୀର ସୁରେନ୍ଦ୍ର ସାଏ ଶ୍ରମିକ ସଂଘରେ ୧୭୮ ଜଣ ପଞ୍ଜୀକୃତ ଓ ଅଭିଜ୍ଞ ଶ୍ରମିକ ଥିବା ବେଳେ କାହାକୁ ମଧ ନିଯୁକ୍ତି ମିଳିନାହିଁ ବୋଲି ଏମାନେ ଅଭିଯୋଗ କରିଛନ୍ତି।



ସମ୍ବଲପୁର ଜିଲା ତଲାବିରାଠାରେ ଥିବା ଆଦାନୀ କମ୍ପାନୀ ଗେଟ୍ ସମ୍ମୁଖରେ ସ୍ଥାନୀୟ ଲୋକେ ଧାରଣାରେ ବସିଛନ୍ତି।

## ଜିଲାପାଳଙ୍କ ଅଫିସରେ ବିସ୍ଥାପିତ- ଏନ୍‌ଏଲ୍‌ସି କମ୍ପାନୀ ଅଧିକାରୀ ମୁହାଁମୁହିଁ

**ସମ୍ବଲପୁର, ୨।୧ (ବ୍ୟୁରୋ)**

ସମ୍ବଲପୁର ଜିଲାପାଳଙ୍କ ଅଫିସ ପରିସରରେ ଗୁରୁବାର ତଲାବିରା କୋଇଲା ଖଣିର ବିସ୍ଥାପିତ ଓ ଏନ୍‌ଏଲ୍‌ସି କମ୍ପାନୀ ଅଧିକାରୀ ସୁରେଶ ସୁମନ ମୁହାଁମୁହିଁ ହୋଇଛନ୍ତି। ବିସ୍ଥାପିତମାନେ ସ୍ଥାୟୀ ନିଯୁକ୍ତି ଦାବି ନେଇ ଜିଲାପାଳ ଶୁଭମ୍ ସକ୍‌ସେନାଙ୍କୁ ଅଭିଯୋଗ କରିବାକୁ ଆସିଥିବା ବେଳେ ଏଭଳି ଘଟଣା ଘଟିଛି। ଡିସେମ୍ବର ୫ ତାରିଖ ପ୍ରଶାସନ, କମ୍ପାନୀ ଓ ବିସ୍ଥାପିତମାନଙ୍କୁ ନେଇ ତପସ୍ୱିନୀ ପ୍ରେକ୍ଷାଳୟରେ ଆଲୋଚନା ହୋଇଥିଲା। ସେଥିରେ ସ୍ଥାୟୀ ନିଯୁକ୍ତି ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ ପ୍ରାୟ ଏକ ମାସ ବିତି ଯାଇଥିଲେ ମଧ ଏହା ପାଳନ କରାଯାଇ ନାହିଁ। ଅନ୍ୟପଟେ ଚାକିରି ନ ଦେଇ କମ୍ପାନୀ କୋଇଲା ଖୋଳିବାକୁ ପ୍ରସ୍ତୁତି ଆରମ୍ଭ କରୁଛି । ଯଦି ଆସନ୍ତା ୬ ତାରିଖ ସୁଦ୍ଧା କୌଣସି ସମାଧାନ ନ ହୁଏ ତାହା ହେଲେ କାମ ବନ୍ଦ କରିଦିଆଯିବ ବୋଲି ଲୋକେ ଚେତାବନୀ ଦେଇଛନ୍ତି । ବାସୁଦେବ ବୁଧିଆ, ଧନବନ୍ତ ପ୍ରଧାନ, ରଜେନ୍ଦ୍ର ବୁଧିଆ, ଦୁଷ୍ମନ୍ତ ବୁଧିଆ, ଉମାକାନ୍ତ ବୁଧିଆ, ମନୋଜ କୁମାର ବଡେଇ, କଳ୍ପନା ପ୍ରଧାନ, ତୃପ୍ତି ବୁଧିଆ ପ୍ରମୁଖ ଏନ୍‌ଏଲ୍‌ସି କମ୍ପାନୀ ଅଧିକାରୀ ସୁରେଶ ସୁମନଙ୍କୁ ଘେରାଉ କରି ଦାବିପତ୍ର ଦେଇଛନ୍ତି। ସୂଚନାଯୋଗ୍ୟ, ରେଙ୍ଗାଲି ତହସିଲ ଅଧୀନ ତଲାବିରା କୋଇଲା ଖଣି-୧ ଓ ୨ରୁ କୋଇଲା ଖନନ କରିବାକୁ ଏନଏଲସି କମ୍ପାନୀ ଦାୟିତ୍ୱ ନେଇଛି। ହେଲେ ବିସ୍ଥାପିତଙ୍କୁନେଇ କମ୍ପାନୀର ବିବାଦ ତୁଟୁନାହିଁ।

■ ୪ରେ ମହାବନ୍ଦ ପାଇଁ ଚାଷୀ ସଂଗଠନର ପ୍ରସ୍ତୁତି ବୈଠକ

# ସମସ୍ତ ସରକାରୀ କାର୍ଯ୍ୟାଳୟରେ ଅନିର୍ଦ୍ଦିଷ୍ଟକାଳ ପାଇଁ ତାଲା ପଡ଼ିବ

**ବାମରା, ୨।୧ (ଡି.ଏନ.ଏ.)**

ଗତ ବର୍ଷ ଫସଲ ବୀମା ପାଇଁ କୁଚିଣ୍ଡା ଉପଖଣ୍ଡ ଚାଷୀ ସଂଗଠନ ପକ୍ଷରୁ ଅନେକ ଥର ଆନ୍ଦୋଳନ କରାଯାଇଛି। ବିକ୍ଷୋଭ ପ୍ରଦର୍ଶନ ସହ ରାସ୍ତାରୋକୋ କରାଯାଇଛି। ଆଇନ ଅମାନ୍ୟ ଆନ୍ଦୋଳନ ସହିତ ଶୋଭାଯାତ୍ରା କରାଯାଇଛି। ପ୍ରଶାସନିକ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ହେଲେ ଏ ସବୁ ସତ୍ତ୍ୱେ ସରକାର କର୍ଣ୍ଣପାତ କରୁ ନାହାନ୍ତି। ଏଣୁ ଆସନ୍ତା ୪ ତାରିଖ କୁଚିଣ୍ଡା ଉପଖଣ୍ଡରେ ଚାଷୀ ସଂଗଠନ ପକ୍ଷରୁ ମହାବନ୍ଦ ଡାକରା ଦିଆଯାଇଛି। ଏ ନେଇ ଗୁରୁବାର କେସାଇବାହାଲ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଏକ ପ୍ରସ୍ତୁତି ବୈଠକ ବସିଥିଲା। ବାମରା ବ୍ଲକରେ ମହାବନ୍ଦ ଲାଗି ଆଲୋଚନା ହୋଇ ନିଷ୍ପତ୍ତି ନିଆଯାଇଛି। ୪ ତାରିଖ ଗାଡିମୋଟର ଚାଲି ପାରିବନି। ସରକାରୀ ବେସରକାରୀ କାର୍ଯ୍ୟାଳୟ, ସ୍କୁଲ, କଲେଜ, ବ୍ୟାଙ୍କ, ଦୋକାନ ବଜାର, ରାସ୍ତାଘାଟ ସମ୍ପୂର୍ଣ୍ଣ ବନ୍ଦ କରାଯିବ। ସମସ୍ତ ସରକାରୀ କାର୍ଯ୍ୟାଳୟରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ତାଲା ପକାଇବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଏହି ବୈଠକରେ ଚାଷୀନେତା ଯୋଗବିହାରୀ ପରିଡା, କୁମାର ଚନ୍ଦ୍ର ପଟେଲ, ମହାବୀର ପ୍ରସାଦ ଖଣ୍ଡେଲୱାଲ, ଜଗଦୀଶ ପାଲ, ଦିଲୀପ ଛତ୍ରିଆ, ଆଲୋକ ଚୌଧୁରୀ, ବାଣ୍ଟୁ କେଛୁଆ, ଲକ୍ଷ୍ମୀନାରାୟଣ ଛତ୍ରିଆ, ଖତୁନାଥ ପିଙ୍ଗ, ରଞ୍ଜନ ପଟେଲ, ବିନୋଦ ପଟେଲ, ପ୍ରଫୁଲ୍ଲ ନାୟକ, ବନମାଳୀ ନାଏକ, ପୀତବାସ ପଟେଲ, ମୋହନ ସିଂ ମହାପାତ୍ରଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ବାମରା ଜୟ ଆଦିମ କୃଷକ ସୁରକ୍ଷା ସଂଗଠନ ଆହ୍ୱାନ କ୍ରମେ ସମସ୍ତ ପଞ୍ଚାୟତରୁ ଚାଷୀ ନେତାମାନେ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ, ୨୦୧୮-୧୯ ଫସଲ ବୀମା ଦାବି ନେଇ ଆନ୍ଦୋଳନ ହୋଇ ଆସୁଛି। ବର୍ତ୍ତମାନ ଆଇନ ଅମାନ୍ୟ ଆନ୍ଦୋଳନ କରି ଚାଷୀମାନେ ବାମରା ବ୍ଲକର ସମସ୍ତ ୧୭ଟି ଯାକ ଗ୍ରାମ ପଞ୍ଚାୟତରେ ତାଲା ମାରି ଦେଇଛନ୍ତି। ସ୍ଥିତିର ଗମ୍ଭୀରତାକୁ ଦେଖି ପ୍ରଶାସନ ପକ୍ଷରୁ ଗତ ୩୧ ତାରିଖ କୁଚିଣ୍ଡା ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଆଲୋଚନା ଲାଗି ବୈଠକ ଅନୁଷ୍ଠିତ ହୋଇଥିଲା। ମାତ୍ର ଉକ୍ତ ବୈଠକରେ ବୀମା କମ୍ପାନୀର କୌଣସି ଅଧିକାରୀ ଯୋଗ ନ ଦେବା କାରଣରୁ ଚାଷୀମାନେ ବୈଠକ ବର୍ଜନ କରିଥିଲେ। ଆସନ୍ତା ୪ରେ କୁଚିଣ୍ଡା ମହାବନ୍ଦ ଲାଗି ନିଷ୍ପତ୍ତି ହୋଇଛି।



୪ରେ ବାମରା ମହାବନ୍ଦ ପାଇଁ ଚାଷୀ ସଂଗଠନର ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା ବାମରା ଅଞ୍ଚଳର ଚାଷୀନେତାମାନେ।

### ୫ରୁ ସି.କେ. ନାଇଡୁ କ୍ରିକେଟ ମ୍ୟାଚ

## ସିକିମ, ଓଡ଼ିଶା ଦଳ ପହଞ୍ଚିଲା

**ସମ୍ବଲପୁର, ୨।୧ (ବ୍ୟୁରୋ)**

ସର୍ବଭାରତୀୟ ୨୩ ବର୍ଷରୁ କମ୍ ସି.କେ. ନାଇଡୁ କ୍ରିକେଟ ଟୁର୍ନାମେଣ୍ଟ ଚଳିତ ମାସ ୫ରୁ ୮ ତାରିଖ ପର୍ଯ୍ୟନ୍ତ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏଥିପାଇଁ ଗୁରୁବାର ରାତିରେ ସିକିମ ଦଳ ସମ୍ବଲପୁରରେ ପହଞ୍ଚିଛି। ଆୟୋଜକ ଜିଲା କ୍ରୀଡାସଂଘ ସାଧାରଣ ସମ୍ପାଦକ ଦୁଲାଲ ଚନ୍ଦ୍ର ପ୍ରଧାନ, ଡା. ଦିଲୀପ କୁମାର ନନ୍ଦ, ସିକିମ ଦଳ ସ୍ଥାନୀୟ ମ୍ୟାନେଜର ପ୍ରିୟାଂଶୁ ପତି, ଅବିନାଶ ନନ୍ଦ, ଅଜିତ ହୋତା ଖେଳାଳିମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଓଡିଶା ଦଳ ମଧ୍ୟରାତ୍ରିରେ ପହଞ୍ଚିବ। ଶୁକ୍ରବାର ସକାଳ ୮ଟାରୁ ଉଭୟ ଦଳ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ନେଟ୍ ଅଭ୍ୟାସ କରିବେ।

## ଫଟୋରେ ଖବର



ଗୁରୁବାର ସମ୍ବଲପୁରରେ ଗୁରୁ ଗୋବିନ୍ଦ ସିଂଙ୍କ ଜୟନ୍ତୀ ଶୋଭାଯାତ୍ରାରେ ପଞ୍ଚପ୍ୟାରେ।





ଗୁରୁବାର ସମ୍ବଲପୁର ଭିଏସ୍‌ଏସ୍ ମାର୍ଗସ୍ଥିତ ଏକ ହୋଟେଲ ସଭା କକ୍ଷରେ ସ୍ୱାଧୀନତା ସଂଗ୍ରାମୀ ନୃସିଂହ ଗୁରୁଙ୍କ ଶ୍ରାଦ୍ଧବାର୍ଷିକୀରେ ମଞ୍ଚାସୀନ ଅତିଥିମାନେ।



ରାଜମୁକୁଟ ସୁନାରେ ତିଆରି ବୋଲି ଦେଖାଯାଇଥାଏ।
ପ୍ରକୃତରେ ତାହା କଣ୍ଟକ, ବିପଦ ଓ ଦୁଶ୍ଚିନ୍ତାରେ ତିଆରି।
- ମିଲଟନ



**ସଂକ୍ଷେପରେ**

## ଶିରିଡ଼ି ସାଇ ମନ୍ଦିରରେ ଭଜନ ସନ୍ଧ୍ୟା

**ବରପାଲି, ୨।୧ (ଡି.ଏନ.ଏ):** ବରପାଲିରେ ନିର୍ମାଣାଧୀନ ଶିରିଡି ସାଇ ମନ୍ଦିରରେ ବୁଧବାର ନବବର୍ଷ ଅବସରରେ ଭଜନ ସନ୍ଧ୍ୟା ସାଇ ସଂସ୍ଥାନ ଓ ରାଜ୍ୟ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି । ସକାଳେ ବାବାଙ୍କ ଆଳତୀ ସହ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଅବସରରେ ଏକ ସାଧାରଣ ସଭା ଦୀନବନ୍ଧୁ ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏଥିରେ ବିଜେପୁର ବିଧାୟିକା ରୀତା ସାହୁ, ବରଗଡ ବିଧାୟକ ଦେବେଶ ଆଚାର୍ଯ୍ୟ, ଆଇନଜୀବୀ ଦେବବ୍ରତ ମିଶ୍ର ଓ ସଂସ୍ଥାନ ମୁଖ୍ୟ ତଥା ସାଇସା ନିର୍ଦ୍ଦେଶିକା ସୁନୀତା ମୁଣ୍ଡ ପ୍ରମୁଖ ଯୋଗଦେଇ ସାଇ ବାବାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ କରିଥିଲେ । ପରେ ପରମାନନ୍ଦ ସ୍ୱାଇଁଙ୍କ ନିର୍ଦ୍ଦେଶନାରେ ଜୟଶ୍ରୀ ଧଳ ଓ ସାଥି ଭଜନ ପରିବେଷଣ କରିଥିଲେ ।

## ପୂଜକଙ୍କୁ ମାଡ଼ମାରି ଯୁବକ ଜେଲ ଗଲେ

**ନୂଆପଡା ଅଫିସ,୨।୧:** ସ୍ଥାନୀୟ ତେଲିପଡାସ୍ଥିତ ଶିବ ମନ୍ଦିର ପୂଜକ ଅମନ କୁମାର ଶର୍ମାଙ୍କୁ ମାଡ ମାରିବା ଅଭିଯୋଗରେ ଖୁବିରାମ ପଟେଲ(୨୨) ନାମକ ଯୁବକ ଗୁରୁବାର ଗିରଫ ହୋଇଛନ୍ତି। ତାଙ୍କ ବିରୁଦ୍ଧରେ ଦଫା ୩୦୭ରେ ଏକ ମାମଲା (ନଂ.୧/୨୦) ରୁଜୁ ହୋଇଛି। ବୁଧବାର ରାତିରେ ଘରେ ଥିବା ସମୟରେ ଖୁବିରାମ କୌଣସି କାରଣକୁ ନେଇ ଉତକ୍ଷିପ୍ତ ହୋଇ ଆକ୍ରମଣ କରିଥିଲେ। ପରିବାର ଲୋକ ଛଡାଇ ପୋଲିସକୁ ଖବର ଦେଇଥିଲେ । ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା ।



ଜିଲାପାଳ ଓ ଅନ୍ୟମାନେ ବୌଦ୍ଧ ମହୋତ୍ସବ ଉପଲକ୍ଷେ ଅନୁଷ୍ଠିତ ସାଂସ୍କୃତିକ ଶୋଭାଯାତ୍ରାରେ ଯାଉଛନ୍ତି ।



ଶୋଭାଯାତ୍ରାରେ କଳାକାରମାନେ ପାରମ୍ପରିକ ବେଶରେ ନୃତ୍ୟ ପରିବେଷଣ କରୁଛନ୍ତି ।

# ବୌଦ୍ଧ ମହୋତ୍ସବ, ପଲ୍ଲିଶ୍ରୀ ମେଳା ଉଦ୍‌ଘାଟିତ

**ବୌଦ୍ଧ,୨।୧(ସ୍ୱ.ପ୍ର)**

ବୌଦ୍ଧ ଜିଲାକୁ ପୂରିଲା ୨୬ ବର୍ଷ ପୂରିଲା। ଏହି କ୍ରମରେ ଗୁରୁବାର ବୌଦ୍ଧ ଜିଲା ପାଳିଛି ତାର ୨୬ ତମ ସ୍ୱନକ୍ଷତ୍ର ଦିବସ। ଏହି ଅବସରରେ କଚେରୀ ପଡିଆଠାରେ ପରମ୍ପରା ଓ ସଂସ୍କୃତିର ବାର୍ତ୍ତା ନେଇ ଉଦ୍‌ଘାଟିତ ହୋଇଛି ବୌଦ୍ଧ ମହୋତ୍ସବ ପଲ୍ଲିଶ୍ରୀ ମେଳା । ମହୋତ୍ସବକୁ ସରସ ସୁନ୍ଦର କରିବା ପାଇଁ ଏକ ସଙ୍ଗରେ ଅନୁଷ୍ଠିତ ହେଉଛି ପଲ୍ଲିଶ୍ରୀ, ପୁସ୍ତକ, କୃଷି, ପର୍ଯ୍ୟଟନ ଓ କ୍ରୀଡା ମହୋତ୍ସବ। ଏହି ମହୋତ୍ସବ ପାଇଁ ଗୁରୁବାର ସକାଳେ ସହରର ମହାନଦୀ କୂଳ ବ୍ରିଜ ଛକରୁ ଏକ ସଚେତନତା ବାର୍ତ୍ତା ନେଇ ଗଣଦୌଡ ଆରମ୍ଭ ହୋଇ ଷ୍ଟାଡିୟମ ପଡିଆରେ ପହଞ୍ଚିଥିଲା । ଜିଲାର ତିନିଟି ବ୍ଲକ କଣ୍ଟମାଳ, ବୌଦ୍ଧ ଓ ହରଭଙ୍ଗା ବ୍ଲକର ମା' ଭୈରବୀ ମନ୍ଦିରରୁ ମଶାଲ ଆଣି ବୌଦ୍ଧ ରାଜବାଟୀ ନିକଟସ୍ଥ ବୁଦ୍ଧ ପ୍ରତିମା ନିକଟରେ ପୂଜାର୍ଚ୍ଚନା କରାଯାଇଥିଲା। ପରେ ବୌଦ୍ଧ ବିଧାୟକ ପ୍ରଦୀପ କୁମାର ଅମାତ ଏହି ସାଂସ୍କୃତିକ ମହାମେଳାର ଶୁଭାରମ୍ଭ କରିଥିଲେ। ଜିଲାପାଳ ଲଲାଟେନ୍ଦୁ ମିଶ୍ର, ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ସୂର୍ଯ୍ୟନାରାୟଣ ଦାସ, ଉପଜିଲାପାଳ ଏନସି ଜ୍ୟୋତିରଞ୍ଜନ ନାଏକ, ଜିଲା ପରିଷଦ ଅଧ୍ୟକ୍ଷା ଜ୍ୟୋତ୍ସ୍ନା ଭୋଇ, ହରଭଙ୍ଗା ବ୍ଲକ ଅଧ୍ୟକ୍ଷ ବିଶ୍ୱଜିତ ମିଶ୍ର, ଜିଲା ପରିଷଦ ଉପାଧ୍ୟକ୍ଷ ଅକ୍ରୁର ସେଠୀ, କଣ୍ଟାମାଳ ବ୍ଲକ ଅଧ୍ୟକ୍ଷା ଯାଗେଶ୍ୱରୀ ପ୍ରଧାନ, ବୌଦ୍ଧ ବ୍ଲକ ଅଧ୍ୟକ୍ଷା ରେବତୀ ମହାଲିକ ସାଂସ୍କୃତିକ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଜିଲାର ତିନି ବ୍ଲକରୁ ଆସିଥିବା ଶହ ଶହ କଳାକାର ପାରମ୍ପରିକ ବେଶରେ ସଜ୍ଜିତ ହୋଇ ନାଚଗୀତ କରିଥିଲେ । ଶୋଭାଯାତ୍ରା ମହୋତ୍ସବ ପଡିଆରେ ପହଞ୍ଚିବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସିଂ ମାଧ୍ୟମରେ ମହୋତ୍ସବକୁ ଉଦଘାଟନ କରିଥିଲେ । ଏହାସହ ବୌଦ୍ଧର ୨୭ଟି ପ୍ରକଳ୍ପର ଶୁଭାରମ୍ଭ କରିଥିଲେ। ପରେ ଗୌତମ ବୁଦ୍ଧ ମଣ୍ଡପରେ ଜିଲାପାଳ ତଥା ମହୋତ୍ସବ କମିଟି ଅଧ୍ୟକ୍ଷ ଲଲାଟେନ୍ଦୁ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ସଭା ହୋଇଥିଲା। ସଭାରେ ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ମୁଖ୍ୟଅତିଥି, ବୌଦ୍ଧ ବିଧାୟକ ପ୍ରଦୀପ କୁମାର ଅମାତ, ଜିଲା ପରିଷଦ ଅଧ୍ୟକ୍ଷା ଜ୍ୟୋତ୍ସ୍ନା ଭୋଇ ଓ ଉପାଧ୍ୟକ୍ଷ ଅକ୍ରୁର ସେଠୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଲୋକକଳା ସଂସ୍କୃତିକୁ ବଞ୍ଚାଇବାରେ ମହୋତ୍ସବର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମୁଖ୍ୟଅତିଥି ମନ୍ତ୍ରୀ ଆରୁଖ ମତବ୍ୟକ୍ତ କରିଥିଲେ। ଜିଲାପାଳ ମିଶ୍ର ପୂର୍ବାହ୍ନ ୧୧ଟା ସମୟରେ ଜିଲାର ସାଂସ୍କୃତିକ ପତାକାକୁ ମହୋତ୍ସବ ପଡିଆରେ ଉତ୍ତୋଳନ କରିଥିଲେ। ଉଦଘାଟନ ଦିବସର ପ୍ରଥମ ସାଂସ୍କୃତିକ ସନ୍ଧ୍ୟାରେ ବୌଦ୍ଧ ପ୍ରଣାମ ଅନୁଷ୍ଠାନ ଓଡିଶୀ ନୃତ୍ୟ, ଭବାନୀପାଟଣାର ନଟରାଜ ଅନୁଷ୍ଠାନ ଆଦିବାସୀ ନୃତ୍ୟ ପରବ ଓ ବଜନିଆ, ତାଳଚେରର ଅମୃତ ଅନୁଷ୍ଠାନ ଚକୁଲିଆ ପଣ୍ଡା ଓ ଛୋଟ ମୋର ଗାଁଟି, ତୁଷୁରାର ଘୁଡୁକୁଡୁ ଓ କଣ୍ଟାମାଳ ବ୍ଲକ ବରପଦର ବଉଳି କଳା ପରିଷଦର ଦୁହ୍ଲାବିହା ନୃତ୍ୟ ପରିବେଷଣ କରିଥିଲେ। ପ୍ରମୋଦ ମିଶ୍ର ମଞ୍ଚ ପରିଚାଳନା କରିଥିଲେ।

- ସାଂସ୍କୃତିକ ଶୋଭାଯାତ୍ରାରେ କମ୍ପିଲା ସହର
- ଭିଡିଓ କନଫରେନ୍ସିଂ ଜରିଆରେ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ
- ୨୭ ପ୍ରକଳ୍ପର କଲେ ଶୁଭାରମ୍ଭ
- ଲୋକକଳା, ସଂସ୍କୃତିକୁ ବଞ୍ଚାଇବାରେ ମହୋତ୍ସବର ଭୂମିକା ଗୁରୁତ୍ୱପୂର୍ଣ୍ଣ






ବୌଦ୍ଧ ମହୋତ୍ସବ ଉଦ୍‌ଘାଟନୀ ଶୋଭାଯାତ୍ରାର ଅତିଥି (ବାମ)। ସାଂସ୍କୃତିକ ଶୋଭାଯାତ୍ରାରେ ସାମିଲ ହୋଇଥିବା କଳାକାରମାନେ ।

## ଐତିହାସିକ ବୁଢ଼ାଦେଓ ଯାତ୍ରା ସମ୍ପନ୍ନ

**ଭେଡ଼େନ,୨।୧(ଡ଼ି.ଏନ.ଏ):** ଭେଡ଼େନ ବ୍ଲକ ଐତିହାସିକ ବସେକେଲା ଗଡ଼ରେ ତିନିଦିନ ଧରି ଚାଲିଥିବା ଗଣ୍ଡ ସମାଜର ପାରମ୍ପରିକ ବୁଢ଼ାଦେଓ ଯାତ୍ରା ବୁଧବାର ସନ୍ଧ୍ୟାରେ ସମ୍ପନ୍ନ ହୋଇଛି। ଏଥିପାଇଁ ସୋମବାର ରାତିରେ ଅଧିବାସ, ବାରବଏଠା ଦେବ ନିମନ୍ତ୍ରଣ, ବ୍ରହ୍ମ ଦାରୁ ନିମନ୍ତ୍ରଣ ପରେ ମଙ୍ଗଳବାର ବୁଢ଼ାଦେଓଙ୍କ ଖଳାରେ ସ୍ୱତନ୍ତ୍ର ପୂଜା ହୋଇଥିଲା। ଏହାପରେ ସାତଦେବତା ବୁଢ଼ାଦେଓ, ପାଇକରାୟ, ଜାନୁଘଣ୍ଟ ପର୍ଶୁରାମ, ଉଡ଼େନ ଛତର, ଟିପେନ ଛତର, ଦାବଖର ଆଦିଙ୍କୁ ଆବାହନ କରାଯାଇଥିଲା। ପରେ ସମସ୍ତ ଦେବଦେବୀଙ୍କ ପ୍ରତୀକକୁ ଶୋଭାଯାତ୍ରାରେ ଜିରା ନଦୀର ଦେଗୁଧାନି ସ୍ଥଳକୁ ନେଇଇ ସ୍ନାନ କରାଯାଇଥିଲା। ପରେ ପ୍ରତୀକଙ୍କୁ ଗାଁକୁ ଅଣାଯାଇଥିଲା। ଭେଡ଼େନ ଜମିଦାର ବଂଶର ଦାୟାଦ ମାନେ ସ୍ୱାଗତ କରିବା ସହ ପ୍ରଥମେ ନିମୁହିଁ ବନ୍ଧରୁ ଅଣାଯାଇଥିବା ପାଣିରେ ବନ୍ଦାପନା କରିଥିଲେ। ଗ୍ରାମର ଅନ୍ୟ ମହିଳାମାନେ ଗୋଡ଼ଧୁଆ ପୂଜା କରିବା ପରେ ଗ୍ରାମ ପରିକ୍ରମା କରାଯାଇଥିଲା। ଏହି ଅବସରରେ ଗାଁ ଦାଣ୍ଡରେ ଦେବତା ମାନଙ୍କ ଆଖଡ଼ା ପ୍ରଦର୍ଶନ କରାଯାଇଥିଲା। ରାତ୍ରରେ ଗଡ଼ ମଧ୍ୟସ୍ଥ ସିଂହବାହିନୀ ପୀଠରେ ନିଶିପୂଜା ହୋଇଥିଲା। ଏହି ଯାତ୍ରାରେ ବରଗଡ଼, ବଲାଙ୍ଗୀର, ନୂଆପଡ଼ା, ସମ୍ବଲପୁର ଆଦି ଜିଲାର ଗଣ୍ଡ ସମାଜର ସଦସ୍ୟମାନେ ଯୋଗ ଦେଇଥିଲେ। ଅଖିଳ ଭାରତୀୟ ଗୋଁଣ୍ଡୱାନା ଗୋଁଣ୍ଡ ମହାସଭା ର ବସେଇକେଲା ସର୍କଲ ତରଫରୁ ଆୟୋଜିତ ହୋଇଥିବା ଏହି ଯାତ୍ରାର ଉଦଯାପନି ଉତ୍ସବରେ ଝାରମୁଣ୍ଡା ଗୌନ୍ତିଆ ସଦାନନ୍ଦ ଧରୁଆ, ଛତିଶଗଡ଼ କଲାଡ଼ଙ୍ଗରର ମହନ ସିଦାର, ବିଜେପୁର ବୁଢ଼ାପାଲିର ଚେୟାରମେନ ରାୟ, ବସେଇକେଲା ସର୍କଲ ସଭାପତି ପାଣ୍ଡବ ଭୁଏ, ଟ୍ରଷ୍ଟ ବୋର୍ଡ଼ ବରିଷ୍ଠସଭ୍ୟ ରାଜେନ୍ଦ୍ର ରାୟ, ଭେଡ଼େନ ଜମିଦାର ଦାୟାଦ ଜ୍ୟୋତ୍ସ୍ନାମୟୀ ସିଂ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

**ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟ ସମୀକ୍ଷା**

# ଶହେ ଦିନର କାମ ପାଇଛନ୍ତି ୭୬ ପରିବାର

**ପାଇକମାଳ, ୨।୧ (ଡି.ଏନ.ଏ)**

ପାଇକମାଳ ବ୍ଲକ ସଭାଗୃହରେ ଗୁରୁବାର ବ୍ଲକସ୍ତରୀୟ ଜନଶୁଣାଣି ଅନୁଷ୍ଠିତ ହୋଇ ଯାଇଛି। ପଦ୍ମପୁର ଉପଜିଲାପାଳ ତନ୍ମୟ କୁମାର ଦରୱାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ବରଗଡ଼ ଡିଆରଡିଏର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ବରଗଡ ଦୌଲତ ଚନ୍ଦ୍ରକାର, ବ୍ଲକ ଅଧ୍ୟକ୍ଷ ଅଲତାପ ମହମ୍ମଦ, ବିଡିଓ ସଦାଶିବ ନାୟକ, ଜିଲା ସାମାଜିକ ନିରୀକ୍ଷକ ଆନନ୍ଦ ଚନ୍ଦ୍ର ପ୍ରଧାନ, ରମେଶ ଚନ୍ଦ୍ର ସେଠ, ଏସ. କେ କାଶ୍ୟପ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏପିଓ କେତନ ପ୍ରଧାନ ୨୨ଟି ପଞ୍ଚାୟତର ଏମ୍‌ଜିଏନଆରଜିଏସ କାର୍ଯ୍ୟର ବିବରଣୀ ପଠନ କରିଥିଲେ। ଏଥିରେ ସବୁ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟାସଭ୍ୟ, ପିଇଓ, ଜିଆରଏସ ଓ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ପାଇକମାଳ ବ୍ଲକରେ ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ୨୧୪୨ଟି ପ୍ରକଳ୍ପ ହାତକୁ ନିଆଯାଇଥିଲା। ସେଥିରୁ ୯୪୮ଟି ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇଛି। ୨୨୬୯୫ ଜଣ ଜବ୍‌କାର୍ଡ ପାଇଁ ଆବେଦନ କରିଥିବା ବେଳେ ୨୧୫୮୮ ଜଣଙ୍କୁ କାର୍ଡ ଦିଆଯାଇଛି। ୭୬ଜଣ ପରିବାର ଶହେ ଦିନର କାର୍ଯ୍ୟ କରିଛନ୍ତି। ଜିପିଓ ଭୀଷ୍ମ ଦେବ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।



ଏମଜିଏନଆରଇଜିଏସ୍ ଜନଶୁଣାଣି ଶିବିରରେ ଉପସ୍ଥିତ ଜନପ୍ରତିନିଧି, ସରକାରୀ ଅଧିକାରୀ ।




ଜନଶୁଣାଣି ଶିବିରରେ ମଞ୍ଚାସୀନ ଅତିଥି ।

## ବ୍ଲକସ୍ତରୀୟ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜନଶୁଣାଣି ଶିବିର

**ଜାମଟିକ୍ରା, ୨।୧ (ଡି.ଏନ.ଏ)**

ଅତାବିରା ବ୍ଲକ ସଭାଗୃହରେ ୨୦୧୮-୧୯ ଆର୍ଥିକ ବର୍ଷର ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ଜନଶୁଣାଣି ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବରଗଡ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ବ୍ଲକ ଅଧ୍ୟକ୍ଷ ରୀତା ସାହୁ, ବିଡିଓ ପ୍ରଣବ କୁମାର ଚାନ୍ଦ, ଏବିଡିଓ ଲକ୍ଷପତି ବେହେରା, ଏପିଓ ପୁଷ୍ପାଞ୍ଜଳି ମହାକୁର, ଏଇ ଗୋପିନାଥ କାଲୋ ପ୍ରମୁଖ ଯୋଗ ଦେଇଥିଲେ। ୨୦୧୮-୧୯ ଆର୍ଥିକ ବର୍ଷରେ ବ୍ଲକରେ ମୋଟ ୪୬୪୩ଟି ପ୍ରକଳ୍ପ ହାତକୁ ନିଆଯାଇଥିଲା। ସେଥିମଧ୍ୟରୁ ୨୦୭୮ଟି ପ୍ରକଳ୍ପ କାମ ସମ୍ପୂର୍ଣ୍ଣ ହୋଇଛି। ଏଥିରେ ମୋଟ ୨୮୯.୨୯ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ମୋଟ ୨୬୯୨୦ଟି ପରିବାର ନାମ ପଞ୍ଜୀକରଣ କରିଥିଲେ। ସମସ୍ତ ୨୬୯୨୦ଟି ପରିବାରକୁ ଜବକାର୍ଡ ଯୋଗାଇ ଦିଆଯାଇଥିବା ଏପିଓ ମହାକୁର ସୂଚନା ଦେଇଥିଲେ। ଅତିରିକ୍ତ ଜିଲାପାଳ ଟପ୍ପୋ ଆସନ୍ତା ୨୬ ତାରିଖରେ ପଞ୍ଚାୟତ ମାନଙ୍କରେ ଗ୍ରାମସଭା କରିବା ଓ ୧୫ ତାରିଖ ମଧ୍ୟରେ ଗ୍ରାମମାନଙ୍କର ଶ୍ରମିକ ସଙ୍ଗଠନ ସହିତ ପଞ୍ଚାୟତ କର୍ମଚାରୀ ସଭାର ଆୟୋଜନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଶ୍ରମିକମାନେ କାମ କରି ମାସାଧିକ କାଳ ପର୍ଯ୍ୟନ୍ତ ପାଉଣା ପାଇ ନ ଥିବା ଅଭିଯୋଗ ହୋଇଥିଲା। ଶେଷରେ ଏବିଡିଓ ଲକ୍ଷପତି ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦର ବାର୍ଷିକ ସମାବେଶ

**ପାଇକମାଳ, ୨।୧ (ଡି.ଏନ.ଏ)**

ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦର ୩୫ତମ ବାର୍ଷିକ ସମାବେଶ ପାଇକମାଳ ବ୍ଲକ ବୁକୁରାମୁଣ୍ଡା ବଜାର ପ୍ରାଙ୍ଗଣରେ ବୁଧବାର ଆବାହକ ସୁରେଶ ଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୀର ସୁରେନ୍ଦ୍ର ସାଏ ଯୁବକ ସଂଘ ଓ ନେତାଜୀ ସ୍ପୋର୍ଟିଂ ପଲସାନିର ସଦସ୍ୟମାନେ ନୃସିଂହନାଥ ମନ୍ଦିରରୁ ମଶାଲ ଶୋଭାଯାତ୍ରାରେ ଆସି ବୁକୁରାମୁଣ୍ଡା ଗ୍ରାମରେ ପହଞ୍ଚିଥିଲେ। ସେଠାରେ ଗ୍ରାମବାସୀ ସମ୍ବର୍ଦ୍ଧନା ଦେବା ପରେ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରି ସଭାସ୍ଥଳକୁ ଯାଇଥିଲା। ପରିଷଦର ୩୫ତମ ବାର୍ଷିକ ସମାବେଶକୁ ପୂର୍ବତନ ବିଧାୟକ ତଥା ଗନ୍ଧମାର୍ଦ୍ଦନ ଆନ୍ଦୋଳନ ନେତା ପ୍ରଦୀପ ପୁରୋହିତ ଆରମ୍ଭ କରିଥିଲେ। ବିଗତ ୩୫ବର୍ଷ ଧରି ହୋଇଥିବା ଗନ୍ଧମାର୍ଦ୍ଦନ ଆନ୍ଦୋଳନର ସ୍ମୃତିକୁ ବରିଷ୍ଠ କର୍ମୀମାନେ ମନେ ପକାଇଥିଲେ। ପରେ ଗନ୍ଧମାର୍ଦ୍ଦନର ସୁରକ୍ଷା ପାଇଁ ଶପଥ ନେଇଥିଲେ। ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦର ନୂତନ ଆବାହକ ଭାବେ ଦିଲୀପ ବେହେରାଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଥିଲା। ଶେଷରେ କାର୍ଯ୍ୟାଳୟ ସମ୍ପାଦକ ଦୁର୍ଯ୍ୟୋଧନ ପୁଟ୍ଟା ଧନ୍ୟବାଦ ଅର୍ପଣ କରିଥିଲେ।



ସମାବେଶ ପୂର୍ବରୁ କର୍ମୀମାନେ ଶୋଭାଯାତ୍ରାରେ ବାହାରିଛନ୍ତି।

**ତୀର୍ଥଯାତ୍ରା ସୁଯୋଗ ମିଳିଲାନି**

# ୬ରେ ରାସ୍ତାରୋକୋ କରିବେ ବରିଷ୍ଠ ନାଗରିକ

**ମନମୁଣ୍ଡା, ୨।୧ (ଡି.ଏନ.ଏ)**

ବୌଦ୍ଧ ଜିଲା ମନମୁଣ୍ଡା ଥାନା ଅଞ୍ଚଳର ବରିଷ୍ଠ ନାଗରିକମାନଙ୍କୁ ସରକାରଙ୍କ ତୀର୍ଥଯାତ୍ରାରେ ସୁଯୋଗ ନ ମିଳିବା ପ୍ରତିବାଦରେ ଆସନ୍ତା ୬ ତାରିଖରେ ମନମୁଣ୍ଡାଠାରେ ଜାତୀୟ ରାଜପଥ-୫୭ ଅବରୋଧ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଏହି କ୍ରମରେ ଗୁରୁବାର ଅପରାହ୍ନରେ ଗୁହିପିଟା ଖୁକୁଡେଶ୍ୱର ମନ୍ଦିରରେ ସଂଘ ସଭାପତି ପ୍ରେମାନନ୍ଦ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏ ସମ୍ପର୍କରେ ଜିଲାପାଳ, ଏସପି ଏବଂ ମନମୁଣ୍ଡା ଆଇଆଇସିଙ୍କୁ ଲିଖିତ ଭାବେ ଜଣାଇ ଦିଆଯାଇଥିବା ସଂଘର ଉପଦେଷ୍ଟା ନିରଞ୍ଜନ କର୍ଣ୍ଣ କହିଛନ୍ତି। ସୂଚନାଯୋଗ୍ୟ, ଏହି ଅଞ୍ଚଳର ପ୍ରାୟ ୨୭୩ ଜଣ ବରିଷ୍ଠ ନାଗରିକ ପ୍ରମାଣପତ୍ର ପାଇଁ ସ୍ଥାନୀୟ ଥାନା ମାଧ୍ୟମରେ ଆବେଦନ କରିଥିଲେ। ମାତ୍ର ୨୮ଜଣଙ୍କୁ ପ୍ରମାଣପତ୍ର ଦିଆଯାଇଥିବା ବେଳେ ଅନ୍ୟମାନଙ୍କୁ ଦିଆଯାଇନାହିଁ। ଏହାର ପ୍ରତିବାଦରେ ସେମାନେ କିଛି ଦିନ ତଳେ ମନମୁଣ୍ଡାରେ ବିକ୍ଷୋଭ ପ୍ରଦର୍ଶନ କରି ଥାନା ଅଧିକାରୀଙ୍କୁ ସ୍ମାରକପତ୍ର ଦେଇଥିଲେ। ତୁରନ୍ତ ସେମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯିବା ସହ ସେମାନଙ୍କ ଦାବି ମୁତାବକ କେତେ ଜଣଙ୍କୁ ସରକାରଙ୍କ ତରଫରୁ ହେଉଥିବା ତୀର୍ଥଯାତ୍ରାରେ ସାମିଲ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ତାହା ନ ହେବାରୁ ୨୦୧୯ ଡିସେମ୍ବର ୨୪ରେ ଶତାଧିକ ବରିଷ୍ଠ ନାଗରିକ ବୌଦ୍ଧରେ ବିକ୍ଷୋଭ କରି ଜିଲାପାଳଙ୍କ ଅନୁପସ୍ଥିତିରେ ଉପଜିଲାପାଳଙ୍କୁ ଏକ ସ୍ମାରକପତ୍ର ଦେଇଥିଲେ। ୭ ଦିନ ମଧ୍ୟରେ ତୀର୍ଥଯାତ୍ରା ପାଇଁ ସୁଯୋଗ ଦେବା ନିମନ୍ତେ ପଦକ୍ଷେପ ନେବେ ବୋଲି ଉପଜଜିଲାପାଳ ସେତେବେଳେ କୁଆଡେ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ସେହଭଳି କିଛି ପଦକ୍ଷେପ ନିଆ ନ ଯିବାରୁ ଏହହାର ପ୍ରତିବାଦରେ ରାସ୍ତାରୋକୋ କରାଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି।



ବୈଠକରେ ଉପସ୍ଥିତ ବରିଷ୍ଠ ନାଗରିକ।



ଗତକାଲି ଏକ ଅଚଳ ଚେକ୍ ଆସନ୍ତାକାଲି ପ୍ରୋମିସରି ନୋଟ୍ ଆଜି ହିଁ ନଗଦ ଧନ, ଏହାକୁ ବ୍ୟବହାର କର।
- ହିଟଲର



## ସଂକ୍ଷେପରେ

### ଲେଖକ କଳା ପରିଷଦ ପକ୍ଷରୁ କବି ସମ୍ମିଳନୀ

**ଭବାନୀପାଟଣା, ୨।୧ (ଡି.ଏନ୍.ଏ.):** କଳାହାଣ୍ଡି ଜିଲାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଲେଖକ କଳା ପରିଷଦ ପକ୍ଷରୁ ନବବର୍ଷ ପାଳନ ଅବସରରେ ଭବାନୀପାଟଣା ସଦର ବ୍ଲକ ଅନ୍ତର୍ଗତ ଭବାନୀପୁର ଆମ୍ବ ବଗିଚାଠାରେ ବନାନୀ କବି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସଭା ପ୍ରାରମ୍ଭରେ ପରିଷଦ ସଂଗୀତ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସ୍ୱାଗତ ସଂଗୀତ ଗାନ କରିଥିଲେ। ଏହି ଅବସରରେ ପରିଷଦର ଉପଦେଷ୍ଟା ତଥା ପୂର୍ବତନ ଏମ୍‌ପି ରାହାସ ବିହାରୀ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟାପକ ଡ.ହରେକୃଷ୍ଣ ମେହେର ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ଜିଲାର ବିଭିନ୍ନ ପ୍ରାନ୍ତରୁ ୮୦ରୁ ଉର୍ଦ୍ଧ୍ୱ କବି ଯୋଗଦେଇ କବିତା ପାଠ କରିଥିଲେ। କବିତା ଆସରକୁ ଦୀପ୍ତି ମୁଣ୍ଡ, ସୁଧୀର ଧଙ୍ଗଡାମାଝି ସଂଯୋଜନା କରିଥିଲେ। ସମ୍ମିଳନୀରେ ଆକାଶବାଣୀର ସ୍ୱୀକୃତିପ୍ରାପ୍ତ ଗୀତିକାର ସୁବାସ ଚନ୍ଦ୍ର ବିଶିଙ୍କୁ ସ୍ୱର୍ଗତ ଯୁଗଳ କିଶୋର ଜୋଷୀ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ସଭାପତି ଉମେଶ ଚନ୍ଦ୍ର ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଭାନୁ ପ୍ରକାଶ ରଥ ସଭା ପରିଚାଳନା କରିଥିଲେ। ସନ୍ତୋଷ ରଥ ଧନ୍ୟବାଦ ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଭାସ ଚନ୍ଦ୍ର ମିଶ୍ର, ସୁରେନ୍ଦ୍ର ନେଗୀ, ଭବନାଥ ରାୟଗୁରୁ, ବିରଞ୍ଚି ନାରାୟଣ ମୁଣ୍ଡ, ତପନ ରଥ, କେଦାର ରାୟଗୁରୁ, ତାପସ ପଟେଲ ପ୍ରମୁଖ ସହଯୋଗ କରିଥିଲେ।

### ପୋଲିସ ଏଏସଆଇଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ସିନାପାଲି,୨।୧ (ଡି.ଏନ.ଏ)-ନୂଆପଡା ଜିଲା ସିନାପାଲି ଥାନା ଏଏସ୍ଆଇ ପୁରିତ ସାହୁଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ସିନାପାଲି ଥାନା ପରିସରରେ ଆୟୋଜିତ ବିଦାୟ ସମ୍ବର୍ଦ୍ଧନା ଉତ୍ସବରେ ଖଡିଆଳ ଏସ୍‌ଡିପିଓ, ସିନାପାଲି ଆଇଆଇସି ଜ୍ୟୋତିରଞ୍ଜନ ଗୌଡ, ଅତିରିକ୍ତ ତହସିଲଦାର ଲକ୍ଷ୍ମଣ ମାଝି, ଜିଲା ପରିଷଦ ସଭ୍ୟ ପ୍ରିୟରଞ୍ଜନ ମେହେର, ରେଞ୍ଜର ବିମଳ ଟପ୍‌ନୋ, ସାଲଖାମ ମୁର୍ମୁ, କୁଳମଣି ବୁର୍ଦା, ଶ୍ରୀ ଶାହା, ଏଏସ୍ଆଇ ପୂଜାରୀ, ସୁଜିତ ସାମନ୍ତରାୟ ତଥା ତାଙ୍କର ସମସ୍ତ ସହକର୍ମୀ ପ୍ରମୁଖ ଉପସ୍ଥିତ ଥିଲେ।



### ରେଳଯାତ୍ରୀ ସଂଘର ପୂର୍ବତନ ସମ୍ପାଦକଙ୍କ ବିୟୋଗରେ ଶୋକସଭା

**କେସିଙ୍ଗା,୨।୧(ଡି.ଏନ.ଏ.):** କଳାହାଣ୍ଡି ରେଳଯାତ୍ରୀ ସଂଘର ପୂର୍ବତନ ସମ୍ପାଦକ ତଥା ଖବରଦାତା ଜିତିନ ଦାଶ(୯୫)ଙ୍କ ବିୟୋଗରେ ଏକ ଶୋକସଭା କେସିଙ୍ଗା ଏନ୍‌ଏସି କଲ୍ୟାଣ ମଣ୍ଡପରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସଭାରେ କେସିଙ୍ଗାର ବିଭିନ୍ନ ଗଣମାଧ୍ୟମର ଖବରଦାତା ଯୋଗଦେଇ ସ୍ୱର୍ଗତ ଦାଶଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏପରି କି ସ୍ୱର୍ଗତ ଦାଶଙ୍କ ସ୍ମୃତିଚାରଣ କରାଯାଇଥିଲା। ଏପରି କି ଆତ୍ମାର ସଦ୍‌ଗତି ନିମନ୍ତେ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।

## ଶିକ୍ଷୟିତ୍ରୀଙ୍କୁ ବଦଳି ଦାବି

# ଶ୍ରୀପୁର ୟୁପି ସ୍କୁଲରେ ତାଲା ପକାଇଲେ ଗ୍ରାମବାସୀ

**ପଲମ,୨।୧(ଡି.ଏନ୍.ଏ.)**

### ଏବିଇଓଙ୍କ ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ



ଗ୍ରାମବାସୀଙ୍କ ସହ ଛାତ୍ରୀଛାତ୍ରମାନେ ଶ୍ରୀପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ତାଲା ପକାଇ ଆନ୍ଦୋଳନ କରୁଛନ୍ତି।

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ଗିଗିନା ପଞ୍ଚାୟତ ଅନ୍ତର୍ଗତ ଶ୍ରୀପୁର ଗ୍ରାମବାସୀ ଶ୍ରୀପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଜଣେ ଶିକ୍ଷୟିତ୍ରୀଙ୍କୁ ବଦଳି ଦାବିକରି ଗୁରୁବାର ବିଦ୍ୟାଳୟରେ ତାଲା ପକାଇ ଆନ୍ଦୋଳନ କରିଥିଲେ। ଫଳରେ ଛାତ୍ରୀଛାତ୍ରଙ୍କ ପାଠପଢା ବ୍ୟାହତ ହୋଇଥିଲା। ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ, ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଜଣକ ୫ବର୍ଷ ହେଲା ରହି ଶିକ୍ଷାଦାନ କରୁଛନ୍ତି। ହେଲେ ସେ ଠିକ୍ ସମୟରେ ବିଦ୍ୟାଳୟକୁ ଆସୁ ନ ଥିବାବେଳେ ସପ୍ତାହରେ ୨ରୁ ୩ ଦିନ ବିଦ୍ୟାଳୟରେ ଅନୁପସ୍ଥିତ ରହୁଛନ୍ତି। ଏପରି କି ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ସମୟରେ ସେ ଦୁର୍ବ୍ୟବହାର କରୁଛନ୍ତି। ଏନେଇ ଗ୍ରାମ୍ୟ କମିଟି ପକ୍ଷରୁ ବିଦ୍ୟାଳୟରେ ଏକ ବୈଠକ ହୋଇଥିଲା। ବୈଠକରେ ନିଷ୍ପତ୍ତିକ୍ରମେ କମିଟି ପକ୍ଷରୁ ଘଟଣା ସଂକ୍ରାନ୍ତରେ ନର୍ଲା ଶିକ୍ଷା ବିଭାଗୀୟ ଅଧିକାରୀ(ଏବିଇଓ)ଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ହେଲେ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଏହାର ପ୍ରତିବାଦ କରି କମିଟି କର୍ମକର୍ତ୍ତାଙ୍କ ନେତୃତ୍ୱରେ ଗ୍ରାମବାସୀ ସ୍କୁଲରେ ତାଲା ପକାଇ ଆନ୍ଦୋଳନ କରିଥିଲେ। ଘଟଣାର ୫ଘଣ୍ଟା ପରେ ନର୍ଲା ଏବିଇଓ କ୍ଷିତୀଶ ଚାନ୍ଦ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ। ହେଲେ ଗ୍ରାମବାସୀ ଶିକ୍ଷୟିତ୍ରୀଙ୍କ ବଦଳି ଦାବି କରିବା ସହ ୨ଦିନ ମଧ୍ୟରେ ନୂତନ ଶିକ୍ଷକଙ୍କୁ ନିଯୁକ୍ତି ଦାବି କରିଥିଲେ। ଏନେଇ ଏବିଇଓ ଘଟଣାର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଏନେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମୋହନ କୁମାର ସାହୁଙ୍କୁ ପଚାରିବାରୁ ଗ୍ରାମବାସୀଙ୍କ ଅଭିଯୋଗକୁ ସ୍ୱୀକାର କରିଥିଲେ। ଏନେଇ ସାମାଜିକ କର୍ମୀ ରଜନୀ କୁମାର କହିଛନ୍ତି, ଶିକ୍ଷୟିତ୍ରୀ ଜଣକ ଶ୍ରୀପୁର ଗ୍ରାମର ଝିଅ ହୋଇଥିଲେ ମଧ୍ୟ ନିଜ କର୍ତ୍ତବ୍ୟ ଠିକ୍ ଭାବେ ପାଳନ କରୁ ନ ଥିବା ଅଭିଯୋଗ କରିଛନ୍ତି। ସେହିପରି ଗ୍ରାମର ୱାର୍ଡ ସଭ୍ୟା ପାର୍ବତୀ ବଗର୍ତ୍ତୀଙ୍କୁ ପଚାରିବାରୁ ଗ୍ରାମବାସୀଙ୍କ ଅଭିଯୋଗର ସତ୍ୟତା ରହିଥିବା ପ୍ରକାଶ କରିଥିଲେ। ଏନେଇ ଶିକ୍ଷୟିତ୍ରୀ ପୁଷ୍ପଲତା କୁମାରଙ୍କୁ ପଚାରିବାକୁ ଅଭିଯୋଗକୁ ଖଣ୍ଡନ କରିବା ସହ ତାଙ୍କ ବିରୋଧରେ ଏହା ଏକ ଷଡ଼ଯନ୍ତ୍ର ବୋଲି କହିଛନ୍ତି।

### ସାମାଜିକ ସହାୟତା ଜନ ଶୁଣାଣି ଶିବିର

**ପଲମ,୨।୧ (ଡି.ଏନ୍.ଏ.)**

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ନର୍ଲା ବ୍ଲକରେ ଏମ୍‌ଜିଏନ୍‌ଆଇଜିଏସ୍ ଯୋଜନାର ସାମାଜିକ ସହାୟତା କାର୍ଯ୍ୟକ୍ରମ ଓ ବ୍ଲକସ୍ତରୀୟ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ନର୍ଲା ଗୋଷ୍ଠୀ ଉନ୍ନୟନ ଅଧିକାରୀ ବ୍ୟାସଦେବ ବେହେରା, ଏବିଡିଓ ଦେବେନ୍ଦ୍ର ସାମଲ, ଜିଲା ସୋସିଆଲ ଅଡିଟର ସୁଶାନ୍ତ ଭାଇ, ବ୍ଲକ ସୋସିଆଲ ଅଡିଟର ଉତ୍ତମ ସାହୁ, ନିଶାନପୁର ସରପଞ୍ଚ କ୍ଷମା ରଣା ପ୍ରମୁଖ ଯୋଗ ଦେଇଥିଲେ। ଏମ୍‌ଜିଏନ୍‌ଆଇଜିଏସ୍ ଯୋଜନାରେ ଗରିବ ହିତାଧିକାରୀଙ୍କୁ ୧୦୦ଦିନ କାମ ମିଳୁ ନ ଥିବା ଉପସ୍ଥିତ ଜନସାଧାରଣ ଅଭିଯୋଗ କରିଥିଲେ। ୨୦୧୭-୧୮ ଆର୍ଥିକ ବର୍ଷରେ ଏମ୍‌ଜିଏନ୍‌ଆଇଜିଏସ୍ ଯୋଜନାରେ ଟଙ୍କା ଆସି ନ ଥିବା ଏପିଓ ଶିବ କୁମାର ପରିଡା ଜନସାଧାରଣଙ୍କୁ କହିଥିଲେ। ଏପରି କି ହିତାଧିକାରୀମାନେ ଦୀର୍ଘ ଦିନରୁ ପାରିଶ୍ରମିକ ପାଇ ନ ଥିବା ମଧ୍ୟ ଅଭିଯୋଗ ହୋଇଥିଲା। ଟଙ୍କା ଆସିଲେ ହିତାଧିକାରୀମାନଙ୍କୁ ପରିଶ୍ରମିକ ପ୍ରଦାନ କରାଯିବ ବୋଲି ଉପସ୍ଥିତ ଅଧିକାରୀମାନେ ପ୍ରକାଶ କରିଥିଲେ।

### ନାଇଁ ମିଲ୍‌ଲା ମହାପ୍ରୟାଣ ଗାଡ଼ି

# ଶବ ଖଁଦେଇ ବୁହିଲେ ୬ କି.ମି.

**ଭବାନୀପାଟଣା,୨।୧(ସ୍ୱ.ପ୍ର/ଡି.ଏନ୍.ଏ)**

କଳାହାଣ୍ଡି ଜିଲାରେ ବଛର କେତେଟା ତଲେ ନିଜର ମାଏଝିର ଶବକେ ଖଁଦେ ବୁହି ଚରଚାକେ ଆସିଥିଲେ ଦାନ ମାଝି। ଇ ଘଟନା ସେତେବେଲେ ଜାତୀୟସ୍ତରରେ ଚରଚା ହେଇଥିଲା। ଇତାର ପରେ ରାଏଜ୍ ସରକାର ମହାପ୍ରୟାଣ ଯୋଜନା ଆରମ୍ କରି ସରକାରୀ ଡାକ୍ତରଖାନାରୁ ଶବ ନେବାର ଲାଗି ମହାପ୍ରୟାଣ ଗାଡ଼ି ଯୁଗେଇ ଦେଇଥିଲେ। ହେଲେ ଅନେକ ସମିଆରେ ଗରିବ୍ ଦୁଖି ଯୋଜନାର ଲାଭ ନାଇଁ ପାଇପାରୁଥିବାର ଅଭିଯୋଗ ହେଉଛେ। ଫେନ୍‌ଘାଏ ଇ ସମାନ ଘଟନାର ଉଦାହରନ୍ ଦେଖିବାକେ ମିଲିଛେ କଳାହାଣ୍ଡି ଜିଲା ଭବାନୀପାଟଣା ମୁଖିଆ ଡାକ୍ତରଖାନାରେ। ସୂଚନା ଅନ୍‌ସାରେ ଲାଞ୍ଜିଗଡ଼ ବ୍ଲକ ବେନଗାଁ ପଁଚେତ୍ ବରାପାଲି ଗାଁର କୁନି ନାଏକ(୧୯)। ଗଲା ୬ ଦିନ୍ ତଲେ ସେ ଜରେ ପଡ଼ି ଭବାନୀପାଟଣା ଜିଲା ମୁଖିଆ ଡାକ୍ତରଖାନାରେ ଚିକିଛିତ ହେଉଥିଲେ। ହେଲେ ବୁଧବାର ଚିକିଛାଧୀନ ଅବସ୍ତାରେ ତାକର ମୁରତୁ ହେଇଥିଲା। ପରିବାର ଲୋକ୍ ଶବ ନେବାକେ ଚିକିଛାଲୟ କତୃରପକ୍ଷକୁଁ ମହାପ୍ରୟାଣ ଗାଡ଼ିର ଲାଗି ଗୁହାରି କରିଥିଲେ। ହେଲେ କତୃରପକ୍ଷ ଭିନେ ଭିନେ ବାହାନା କରି କଥାଟାକେ ଆଡେଇ ଦେଇଥିଲେ। ବହୁତ୍ ବେଲ ଟାକ୍‌ଲା ଉତାରୁ ପରିବାର ଲୋକ୍ ଶବକେ ଖଁଦେଇ ଗାଁକେ ନେବାକେ ବାହାରିଥିଲେ। ପରିବାର ଲୋକ୍ ୬ କି.ମି. ଶବ ବୁହିକରି ନେଲା ଉତାରୁ ସ୍ୱାସ୍ଥ୍ୟ ବିଭାଗର ଚେତା ପଶିଥିଲା। ଶବ ନେବାକେ ପରିବାର ଲୁକ୍‌କର ପାସ୍‌କେ ଡାକ୍ତରଖାନା କତୃରପକ୍ଷ ମହାପ୍ରୟାଣ ଗାଡ଼ି ପଠେଇଥିଲେ। ହେଲେ ସେତେବେଲେ ପରିବାର ଲୋକ୍ ଧାର ଉଧାର କରି ଶବ ଗାଁକେ ନେବାର ଲାଗି ଗୁଟେ ଗାଡ଼ି ଭଡ଼ା କରିସାରିଥିଲେ। ସେ ଭଡ଼ା ଗାଡ଼ିରେ ପରିବାର ଲୋକ୍ ଶବ ଗାଁକେ ନେଇଥିଲେ। ଜନସାଧାରନକୁଁ ଉତମ ସ୍ୱାସ୍ଥ୍ୟସେବା ଯୁଗେଇଦେବାର ଉଦେଶ୍ୟରେ ସରକାର ୫-ଟି ଲାଗୁ କରିଥିଲେ। ଲୋକ୍ ବି ଭାବୁଥିଲେ ଏଥରକ ଭଲ ସ୍ୱାସ୍ଥ୍ୟସେବା ମିଳିପାରବା। ଇଆଡ଼େ ମୋ ସରକାର ଯୋଜନାରେ ସ୍ୱାସ୍ଥ୍ୟ ବିଭାଗକେ ଯୁଡ଼ି ସରକାର ଗରବ୍ ଅନୁଭବ କରୁଥିଲାବେଲେ କଳାହାଣ୍ଡି ଜିଲାରେ ଇତାର ଜିଁତା ଉଦାହରନ୍ ଦେଖିବାକେ ମିଲିଛେ। ଇଆଡ଼େ କଳାହାଣ୍ଡି ଜିଲାପାଳ ଡ.ଗାଭାଲି ପରାଗ ହର୍ଷଦ ଘଟନା ବାବ୍‌ଦେ ଟ୍ୱିଟ କରି ପରିବାର ଲୁକ୍‌କୁ ଡାକ୍ତରଖାନା କତୃରପକ୍ଷ ଗାଡ଼ି ଯୁଗେଇ ଦେଇଥିଲେ, ହେଲେ ସେମାନେ ନେବାକେ ମନାକଲେ। ଇଥିରଲାଗି ପୋଲିସ୍ ଆର ଡାକ୍ତରଖାନା କତୃରପକ୍ଷ ପରିବାର ଲୁକ୍‌କୁ ବୁଝାଶୁଝା ବି କରିଥିଲେ। ଯଦି ଇ ଘଟନାରେ କେହି ଦୁଶିଥିବେ ତାକର ବିରୋଧ୍‌ନେ କଡ଼ା ପଦକ୍ଷେପ ନିଆଯିବା ବଲି କହିଛନ୍।


ପରିବାର ଲୋକ୍ ଶବ ଖଁଦେଇ ବୁହି ନେଉଛନ୍।

## କେରଳରେ ଦାଦନ ଶ୍ରମିକଙ୍କ ମୃତ୍ୟୁ

# ମୃତଦେହ ଆଣିବା ଲାଗି ଶ୍ରମ ଅଧିକାରୀଙ୍କୁ ଗୁହାରି

**ଲାଞ୍ଜିଗଡ଼,୨।୧(ଡି.ଏନ୍.ଏ.)**

କାମଧନ୍ଦା ନ ପାଇ କେରଳକୁ ଦାଦନ ଖଟିବାକୁ ଯାଇଥିବା କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ମୂଷାନାଳ ଗ୍ରାମର ପ୍ରଦୀପ ହରିଜନ(୩୦)ଙ୍କ ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ମୃତଦେହ କେରଳରୁ ଗାଁକୁ ଆଣିବା ନେଇ ମୂଷାନାଳ ସରପଞ୍ଚ ବିଷ୍ଣୁଚରଣ ଭୋଇଙ୍କ ନେତୃତ୍ୱରେ ଗୁରୁବାର ପରିବାର ଲୋକେ କଳାହାଣ୍ଡି ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି ଗୁହାରି କରିଛନ୍ତି । ସୂଚନା ଯୋଗ୍ୟ, ୨ଝିଅ, ଗୋଟିଏ ପୁଅ ସ୍ତ୍ରୀ ଭାନୁମତି ଏବଂ ବାପା ସୁଦର୍ଶନଙ୍କୁ ନେଇ ପ୍ରଦୀପଙ୍କ ସଂସାର। ହେଲେ ଗାଁରେ କାମଧନ୍ଦା ଅଭାବରୁ ପ୍ରଦୀପ ୪ବର୍ଷ ହେଲା କେରଳକୁ ଦାଦନ ଖଟିବାକୁ ଯାଇ ଏକ ଠିକାଦାର ପାଖରେ ରହି କାମ କରୁଥିଲେ। ବୁଧବାର ନବବର୍ଷ ପାଳନ ଅବସରରେ ପ୍ରଦୀପଙ୍କ ଛୁଟିଥିଲା। ସେ ଘରେ ଖାଇ ରାତିରେ ଶୋଇଥିଲେ। ଗୁରୁବାର ସକାଳେ ପ୍ରଦୀପଙ୍କ ସାଙ୍ଗମାନେ କାମ କରିବାକୁ ନେଇ ଡାକିବାକୁ ଯାଇଥିଲେ। ହେଲେ ପ୍ରଦୀପଙ୍କ ମୃତ୍ୟୁ ଘଟିଥିବା ଜାଣିବାକୁ ପାଇଥିଲେ। ଏନେଇ ସାଙ୍ଗମାନେ ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ ଜଣାଇଥିଲେ। ଗାଁରେ ଖବର ପ୍ରଚାରିତ ହେବାପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଏନେଇ ପ୍ରଦୀପଙ୍କ ପରିବାର ଲୋକେ ମୂଷାନାଳ ସରପଞ୍ଚ ବିଷ୍ଣୁଚରଣ ଭୋଇଙ୍କୁ ଜଣାଇଥିଲେ। ପରେ ସରପଞ୍ଚ ଭୋଇ ମୃତକଙ୍କ ପରିବାର ଲୋକଙ୍କ ସହ କଳାହାଣ୍ଡି ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି କେରଳରୁ ମୃତଦେହ ଆଣିବା ନେଇ ଗୁହାରି କରିଥିଲେ। ଅନ୍ୟପକ୍ଷେ ମୃତକଙ୍କ ପରିବାର ଲୋକେ ଗରିବ ଶ୍ରେଣୀର ହୋଇଥିବାରୁ କେରଳରୁ ମୃତଦେହ ଆଣିବା ତାଙ୍କ ପକ୍ଷେ ସମ୍ଭବ ନୁହେଁ। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେଇ ମୃତଦେହ ଗାଁକୁ ଆଣିବା ନେଇ ଗ୍ରାମବାସୀ ଦାବି କରିଛନ୍ତି। ଅନ୍ୟପକ୍ଷେ ପ୍ରଦୀପଙ୍କ ମୃତ୍ୟୁର କାରଣ ଜଣାପଡି ନାହିଁ।

# ଡୋକରିଚଞ୍ଚରାରେ ଜମୁଛି ପର୍ଯ୍ୟଟକଙ୍କ ଭିଡ଼

**କୋକସରା,୨।୧(ଡି.ଏନ.ଏ.)**

କଳାହଣ୍ଡି ଜିଲା କୋକସରା ବ୍ଲକ ସଦର ମହକୁମାରୁ ଟେମରା, ଘଣ୍ଟିଗୁଡ଼ା, ଖଲିଗଡ଼ ଦେଇ ୨୦ କି.ମି. ଦୂରରେ ରହିଛି ପ୍ରାକୃତିକ ସୌନ୍ଦର୍ଯ୍ୟଭରା ପର୍ଯ୍ୟଟନ ସ୍ଥଳୀ ଡୋକରିଚଞ୍ଚରା। ସୁଉଚ୍ଚ ପାହାଡରୁ ବୋହି ଆସୁଥିବା ଝରଣାର କୁଳୁକୁଳୁ ନାଦ ସହ ବିସ୍ତୀର୍ଣ୍ଣ ପଥର ଚଟାଣ ଉପରେ ବଣଭୋଜି କରିବା ନିଆରା ଅନୁଭୂତି ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିପାରୁଛି। ପ୍ରତିବର୍ଷ ଡିସେମ୍ବର ଓ ଜାନୁୟାରୀ ମାସରେ ବଣଭୋଜି କରିବା ପାଇଁ ଏଠାରେ ଲୋକଙ୍କ ଭିଡ ଜମୁଛି। ଏପରି କି ଲୋକେ ଭୋଜି ସହ ପ୍ରକୃତିର ଭରପୂର ମଜା ନେଉଛନ୍ତି।

ଚାରିଆଡେ ଘଞ୍ଚ ଜଙ୍ଗଲ ମଝିରେ ପଥରର ଏକ ବିସ୍ତୀର୍ଣ୍ଣ ଚଟାଣ ରହିଛି। ଚଟାଣର ଦୁଇ ପାର୍ଶ୍ୱରେ ଥିବା ୨ଟି ସୁଉଚ୍ଚ ଜଳ ପ୍ରପାତ ଡୋକରିଦର ଓ ଭଁଏରାଘୁମର ରହିଛି। ପର୍ଯ୍ୟଟକମାନେ ଭଏଁରାଗୁମର ଜଳପ୍ରପାତରେ ପାହାଡ ଉଚ୍ଚରୁ ପଡୁଥିବା ପାଣିରେ ଗାଧେଇବା ପାଇଁ ଭିଡ ଜମାଉଥିବା ବେଳେ ପାହାଡରୁ ପଡୁଥିବା ପାଣି ଏକ ପ୍ରକାର ଇନ୍ଦ୍ରଧନୁର ଭ୍ରମସୃଷ୍ଟି କରୁଛି। ପୁଣି ଡୋକରିଦର ତଳେ ମାଛ ଖେଳୁଥିବା ଦୃଶ୍ୟ ପର୍ଯ୍ୟଟକଙ୍କୁ ଏକ ନିଆରା ଅନୁଭୂତି ଦେଇଥାଏ। ଏପରି କି ଐତିହାସିକ ଗୁମ୍ଫା ଗୁଡହାଣ୍ଡି ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିପାରୁଛି। ଏଠାରେ ରାମମନ୍ଦିର, ପୁଣ୍ୟକୁଣ୍ଡ, ସୀତାପାଦ, ଋଷିଗୁମ୍ଫା, ବଟବୃକ୍ଷ, ବିଭୂତିକୁଣ୍ଡ, ଗୋକୁଣ୍ଡ ଭଳି ପୌରାଣିକ କଥା ବହନ କରୁଥିବା ଅନେକ କିମ୍ବଦନ୍ତୀ ରହିଛି। ପ୍ରଭୁ ରାମଚନ୍ଦ୍ର ବନବାସ ସମୟରେ କିଛି ସମୟ ଏଠାରେ ଅତିବାହିତ କରିଥିବା ଲୋକ କଥା ରହିଛି। ଏ ନେଇ ଶ୍ରୀରାମ ନବମୀରେ ଏଠାରେ ସାତ ଦିନ ଧରି ରାମନବମୀ ଉତ୍ସବ ହୋଇଥାଏ। ଉତ୍ସବରେ ଲକ୍ଷାଧିକ ଭକ୍ତଙ୍କ ଭିଡ ଦେଖିବାକୁ ମିଳିଥାଏ। ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ୨୦୧୭ରେ ପର୍ଯ୍ୟଟନ ସ୍ଥଳୀର ଉନ୍ନତୀକରଣ ପାଇଁ ୧ କୋଟି ଟଙ୍କା ଘୋଷଣା କରାଯାଇଥିଲା। ହେଲେ ବର୍ତ୍ତମାନ ସୁଦ୍ଧା ସୌନ୍ଦର୍ଯ୍ୟକରଣ ଓ ରାସ୍ତାକାମ ଅଧାପନ୍ତରିଆ ହୋଇ ରହିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏପରି କି ପର୍ଯ୍ୟଟକଙ୍କ ପାଇଁ ରାତ୍ରି ଆଶ୍ରୟସ୍ଥଳ ନ ଥିବାରୁ ସନ୍ଧ୍ୟା ହେଲେ ନିଜ ଗନ୍ତବ୍ୟସ୍ଥଳକୁ ଯିବାକୁ ବାଧ ହେଉଛନ୍ତି। ଏହାର ଭିତ୍ତିଭୂମି ସହିତ ସୌନ୍ଦର୍ଯ୍ୟକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରଶାସନ ଦୃଷ୍ଟି ଦେଲେ ଆଗାମୀ ଦିନରେ ଡୋକରିଚଞ୍ଚରା ଓଡ଼ିଶାର ଏକ ଅଗ୍ରଣୀ ପର୍ଯ୍ୟଟନସ୍ଥଳ ନିଜ ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିପାରନ୍ତା।


ପର୍ଯ୍ୟଟନସ୍ଥଳ ଡୋକରିଚଞ୍ଚରାରେ ଲୋକେ ଗାଧୋଇବାର ମଜା ନେଉଛନ୍ତି।

No.12 GOVERNMENT OF ODISHA Date: 02.01.2020

PANCHAYAT SAMITI OFFICE, HEMGIR, DIST-SUNDARGARH

TENDER CALL NOTICE NO.01 OF 2019-20, e-mail : ori-hemgiri@nic.in

The Block Development Officer, Hemgir, Sundargarh invites Percentage Rate basis for the following works in sealed tender on behalf of Government of Odisha from registered and eligible contractor of the state P.W.D (R&B)/Water Resource / Rural works / Minor Irrigation / C.P.W.D for the following works eventually to be drawn up in the PI forms in conformity with the Detail Tender Call Notice. The bidders may submit bids for the following works.

| Sl. No. | Name of the G.P. | Name of the work | Estimated cost in (Lakh) | Amount put to tender (In Rs.) | Cost of tender Papers (non-refundable in Rs.) | Bid security EMD 1% (In Rs.) | Period of Completion | Class of Contractor |
|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 |
| 1 | Tumulia | Construction of AWC Building at Parjapada | 14.72 | 1259252.00 | 6000.00 | 12600.00 | 06 (Six Calendar Months) | D&C Class |
| 2 | Tumulia | Construction of AWC Building at Mundadhipa | 14.72 | 1259252.00 | 6000.00 | 12600.00 | 06 (Six Calendar Months) | D&C Class |
| 3 | Tumulia | Construction of AWC Building at Sahaspur | 14.72 | 1259252.00 | 6000.00 | 12600.00 | 06 (Six Calendar Months) | D&C Class |
| 4 | Tumulia | Construction of AWC Building at Garhdwar | 14.72 | 1259252.00 | 6000.00 | 12600.00 | 06 (Six Calendar Months) | D&C Class |
| 5 | Sumura | Construction of AWC Building at Sardega | 15.00 | 1266005.00 | 6000.00 | 12700.00 | 06 (Six Calendar Months) | D&C Class |
| 6 | Sumura | Construction of AWC Building at Bhamarpani | 15.00 | 1266005.00 | 6000.00 | 12700.00 | 06 (Six Calendar Months) | D&C Class |
| 7 | Sumura | Construction of AWC Building at Lebdajhore | 15.00 | 1266005.00 | 6000.00 | 12700.00 | 06 (Six Calendar Months) | D&C Class |
| 8 | Sanghumunda | Construction of AWC Building at Kiripsira | 15.02 | 1268107.00 | 6000.00 | 12700.00 | 06 (Six Calendar Months) | D&C Class |
| 9 | Laikera | Construction of AWC Building at Bandhapali | 15.09 | 1272010.00 | 6000.00 | 12700.00 | 06 (Six Calendar Months) | D&C Class |
| 10 | Laikera | Construction of AWC Building at Balijori | 15.09 | 1272010.00 | 6000.00 | 12700.00 | 06 (Six Calendar Months) | D&C Class |
| 11 | Hemgir | Renovation of Shivsagar Bandh | 66.04 | 5896235.00 | 6000.00 | 59000.00 | 11(Eleven Calendar month) | B&A Class |

Terms and conditions - 1) Cost of Tender Paper: - The tender specifications can be obtained from the Office of the Block Development Officer, Hemgir on payment towards the cost of tender papers as mentioned above (Non refundable) in shape of Bank Draft drawn in favour of Block Development Officer, Hemgir, Sundargarh in any Nationalized Bank having its branch at Sundargarh on any working day from 04/01/2020 to 16/01/2020 for the above work. 2) Sale of Tender Papers :- The tender documents will be sold from 04/01/2020 to 16/01/2020 at Panchayat Samiti Office, Hemgir from 11.00 A.M. to 5.00 P.M. on working days only and shall be opened at 11.00 A.M. on 20.01.2020 in presence of the applicants or their authorized representatives. Sd./- Block Development Officer, Hemgir

# ନିର୍ମାଣର ୯ମାସ ପରେ ରାସ୍ତା ଶୋଚନୀୟ

**ଜୁନାଗଡ,୨।୧ (ଡି.ଏନ୍.ଏ)**

### ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା

ସରକାର ଗ୍ରାମାଞ୍ଚଳ ରାସ୍ତାର ଉନ୍ନତୀକରଣ ପାଇଁ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ଅସାଧୁ କର୍ମଚାରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା ଯୋଗୁ ଏହି ଯୋଜନା ସଫଳ ରୂପାୟନ ହୋଇପାରୁ ନାହିଁ। ଏହି ପରିପ୍ରେକ୍ଷୀରେ ଜୁନାଗଡ଼ ବ୍ଲକ ଅନ୍ତର୍ଗତ ୨୬ନମ୍ବର ଜାତୀୟ ରାଜପଥରୁ ପଲାସ ଗ୍ରାମକୁ ୬୪ଲକ୍ଷ ୧୪ହଜାର ଟଙ୍କା ବ୍ୟୟ ଅଟକଳରେ ଗତ ୨୩.୬.୨୦୧୮ରେ ଆରମ୍ଭ ହୋଇ ୨୩.୩.୨୦୧୯ରେ ପ୍ରଧାନ ମନ୍ତ୍ରୀ ରାସ୍ତା ନିର୍ମାଣ କାମ ଶେଷ ହୋଇଛି । ହେଲେ ନିର୍ମାଣର ୯ ମାସ ମଧ୍ୟରେ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି । ରାସ୍ତାର ଅଧିକାଂଶ ସ୍ଥାନରେ ପିଚୁ ଉଠି ଯାଇଥିବା ଦେଖିବାକୁ ମିଳୁଛି ।

ନିମ୍ନମାନର କାମ ହେଉଥିବା ନେଇ ଗ୍ରାମବାସୀ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇଥିଲେ। ହେଲେ ଏହାର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ଗ୍ରାମବାସୀ ଅଭିଯୋଗ ହୋଇଛି। ଫଳରେ ଠିକାଦାର ଜଣକ ନିଜ ମର୍ଜିରେ କାମ କରିଥିବାରୁ ଅଳ୍ପ ସମୟ ମଧ୍ୟରେ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି। ଅନ୍ୟପକ୍ଷେ ଏଗ୍ରିମେଣ୍ଟ ଅନୁସାରେ ଠିକାଦାର ୫ବର୍ଷ ପାଇଁ ରାସ୍ତା ମରାମତି କାର୍ଯ୍ୟ ସମ୍ପାଦନ କରିବା ନିୟମ ରହିଛି। ହେଲେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଉଦାସୀନତା ଯୋଗୁ ମରାମତି କାର୍ଯ୍ୟ ହେଉ ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି। ଏ ନେଇ ବିଭାଗୀୟ ଜଣେ ଅଧିକାରୀଙ୍କୁ ପଚାରିବାରୁ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଥିଲେ।

ଆଲ୍ଲାହାବାଦ ବ୍ୟାଙ୍କ
(ଭାରତ ସରକାରଙ୍କ ଉପକ୍ରମ)
ଭୁବନେଶ୍ୱର ମୁଖ୍ୟ ଶାଖା, ୧୫୯, ବାପୁଜୀ ନଗର, ଭୁବନେଶ୍ୱର-୭୫୧୦୦୯

ଦଖଲ ନୋଟିସ୍
(ସ୍ଥାବର / ଅସ୍ଥାବର ସମ୍ପତ୍ତି ନିମନ୍ତେ)

କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ (ସିକ୍ୟୁରିଟି) ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୩ ଅନୁଯାୟୀ କ୍ଷମତା ପ୍ରୟୋଗ କରି ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ଦର୍ଶିତ ବକେୟା ରାଶି ଏବଂ ସେବାବଦ ସୁଧ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା ।
ଯେହେତୁ ଋଣଗ୍ରହୀତାମାନେ ସେମାନଙ୍କର ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ନିୟମର ଧାରା ୧୩(୪) ଅନ୍ତର୍ଗତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ଆକାଉଣ୍ଟର ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି ।
ଏତଦ୍ ଦ୍ୱାରା ବିଶେଷ କରି ଋଣଗ୍ରହୀତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ନିମନ୍ତେ **ଆଲ୍ଲାହାବାଦ ବ୍ୟାଙ୍କ, ଭୁବନେଶ୍ୱର ମୁଖ୍ୟ ଶାଖା** ନିକଟରେ ଉତ୍ତରଦାୟୀ ରହିବେ ।
***ଏତଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ ।***

| ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା / ସମ୍ପତ୍ତି ମାଲିକଙ୍କ ନାମ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡ଼ିମାଣ୍ଡ ନୋଟିସ୍ ତାରିଖ | ଦଖଲ ନୋଟିସ୍ ତାରିଖ | ଡ଼ିମାଣ୍ଡ ନୋଟିସ୍ ତାରିଖ ଅନୁଯାୟୀ ବକେୟା ଦେୟ |
|---|---|---|---|---|
| ଋଣଗ୍ରହୀତାମାନେ: **ଶ୍ରୀ ନିରୋଦ କୁମାର ନନ୍ଦ,** ପିତା: ହରିହର ନନ୍ଦ, ଏବଂ **ଜ୍ୟୋସ୍ନାରାଣୀ ପଣ୍ଡା,** ସ୍ୱା: ନିରୋଦ କୁମାର ନନ୍ଦ, ଉଭୟଙ୍କ ଠିକଣା: ସା-ଲିଙ୍ଗିପୁର, ପୋ-ଶିଶୁପାଳଗଡ, ଜିଲ୍ଲା-ଖୋର୍ଦ୍ଧା, ଭୁବନେଶ୍ୱର- ୭୫୧୦୦୨, **ସମ୍ପତ୍ତିର ମାଲିକ: ଶ୍ରୀ ନିରୋଦ କୁମାର ନନ୍ଦ ।** | ସମ୍ପତ୍ତି (ଜମି ଏବଂ ଗୃହ)ର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୭୩୧/୧୨୯୪, ପ୍ଲଟ ନଂ.- ୧୫୨୬/୩୧୬୪, ଏରିଆ- ଏକର୦.୦୨୮ ଡିସିମିଲି, ଏବଂ ଖାତା ନଂ.- ୭୩୧/୧୨୯୨, ପ୍ଲଟ ନଂ.- ୧୫୨୭/୩୧୬୨, ଏରିଆ- ୦.୦୧୧ ଡିସିମିଲି, ସମୁଦାୟ ଏରିଆ- ଏକର୦.୦୩୯ ଡିସିମିଲି, ୮୩.ମୌଜା- ଲିଙ୍ଗିପୁର, ଡିଏସ୍‌ଆରଓ / ଥାନା- ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, ଚଉହଦି: ପୂର୍ବ- ରାସ୍ତା, ପଶ୍ଚିମ- ପ୍ଲଟ ନଂ.୧୫୨୮, ଉତର- ସୁଧୀର କୁମାର ନନ୍ଦ-ଏଲ୧୮୪୧, ଦକ୍ଷିଣ- କ୍ଷିରୋଦ କୁମାର ନନ୍ଦ । | ୨୮.୧୦.୨୦୧୯ | ୦୨.୦୧.୨୦୨୦ | ତା.୨୭.୧୦.୨୦୧୯ ସୁଦ୍ଧା **ଟ.୨୯,୦୦,୪୫୪.୩୯** + ସେବାବଦ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ |

ସ୍ଥାନ-ଭୁବନେଶ୍ୱର, ତାରିଖ-୦୨.୦୧.୨୦୨୦ — କ୍ଷମତାପ୍ରାପ୍ତ ଅଧିକାରୀ, ଆଲ୍ଲାହାବାଦ ବ୍ୟାଙ୍କ



ସତ୍ୟବାଦୀ ମନୁଷ୍ୟ ମା' ଭଳି ବିଶ୍ୱସନୀୟ, ଜନତାଙ୍କ ଗୁରୁ ଭଳି ପୂଜ୍ୟ ଓ ସଜ୍ଜନ ବ୍ୟକ୍ତି ଭଳି ସମସ୍ତଙ୍କ ପ୍ରିୟ ହୋଇଥାନ୍ତି।
- ଭଗବାନ ବୁଦ୍ଧ



## ସଂକ୍ଷେପରେ

### ବିଡିଓଙ୍କ ଦ୍ୱାରସ୍ଥ ହେଲେ ପଞ୍ଚାୟତବାସୀ

**ଦେଓଗାଁ, ୨୧୧(ଡି.ଏନ.ଏ.):** ଦେଓଗାଁ ବ୍ଲକ ଗୌରଗୋଠ ପଞ୍ଚାୟତରେ ସ୍ୱାସ୍ଥ୍ୟ , ଶିକ୍ଷା, ଅଙ୍ଗନୱାଡି କୋଠା ନିର୍ମାଣ ତଥା ପଞ୍ଚାୟତକୁ ମଦମୁକ୍ତ କରିବା ଦାବି ତେଜିଛି। ଏ ନେଇ ଗୁରୁବାର ବିଡିଓଙ୍କ ଦ୍ୱାରସ୍ଥ ହୋଇଛନ୍ତି ଗ୍ରାମର ଏସ୍‌ଏଚ୍‌ଜି ସଦସ୍ୟା, ଲୋକ ଉନ୍ନତି ସଂଗଠନ ତଥା ମହିଳା ଶ୍ରମଜୀବୀ ମଞ୍ଚର କର୍ମକର୍ତ୍ତା ବୃନ୍ଦ । ଗୌରଗୋଠରେ ଆୟୁର୍ବେଦିକ ଡାକ୍ତର ନିଯୁକ୍ତି, ୪ଟି ଅଙ୍ଗନୱାଡିକେନ୍ଦ୍ର ମଧ୍ୟରୁ କ ଓ ଗ କେନ୍ଦ୍ରର ନିଜସ୍ୱ କୋଠା ନିର୍ମାଣ ଓ ଖ କେନ୍ଦ୍ରର ଅସମ୍ପୂର୍ଣ୍ଣ କୋଠା କାମ ଶେଷ କରିବା, ସରକାରୀ ନୂତନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ସମସ୍ୟା ଏବଂ ପଞ୍ଚାୟତକୁ ସମ୍ପୂର୍ଣ୍ଣ ନିଶାମୁକ୍ତ କରିବା ପାଇଁ ହୋଇ ଆସୁଥିବା ଦାବିକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ସେମାନେ ଦାବି କରିଛନ୍ତି। ପ୍ରଶାସନ ଉକ୍ତ ସମସ୍ୟାର ସମାଧାନ ଦିଗରେ କୌଣସି ପଦକ୍ଷେପ ନେଉ ନଥିବାରୁ ଶୁକ୍ରବାର ପଞ୍ଚାୟତ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ତାଲା ପକାଯିବ ବୋଲି ସଂଗଠନର କର୍ମକର୍ତ୍ତାମାନେ ଚେତାବନୀ ଦେଇଛନ୍ତି। ଏଥିପୂର୍ବରୁ ରତାଖଣ୍ଡି ଗ୍ରାମରୁ ଏକ ଶୋଭାଯାତ୍ରା ବାହାରି ପଞ୍ଚାୟତ କାର୍ଯ୍ୟାଳୟ ଯିବ ବୋଲି ସଂଗଠନ ତରଫରୁ ବିଡିଓ ବେର୍ଣ୍ଣୀଦେତ ଲାକ୍ରାଙ୍କୁ ଲିଖିତଭାବେ ଜଣାଇ ଦିଆଯାଇଛି।

ଝୁରିଆ ଧାନମଣ୍ଡି

# ଖୋଲା ଆକାଶ ତଳେ ପଡ଼ିରହିଛି ଧାନ

**ଖପ୍ରାଖୋଲ, ୨୧୧(ଡି.ଏନ.ଏ.)**

- ଟାର୍ଗେଟ ବଢାଇବାକୁ ଦାବି କଲେ ଚାଷୀ
- ଧାନବିକ୍ରି ଅପେକ୍ଷାରେ ୨୯୨ ପଞ୍ଜୀକୃତ ଚାଷୀ
- ପ୍ରଥମ ପର୍ଯ୍ୟାୟରେ ଉଠିଛି ଧାର୍ଯ୍ୟ ୩୦ହଜାର କୁଇଣ୍ଟାଲ ଧାନ

ଚଳିତ ବର୍ଷ ଭଲ ଧାନ ଧାନ ଉତ୍ପାଦନ ବହୋଇଛି । ହେଲେ ମଣ୍ଡିରେ ଧାନ ବିକ୍ରିକୁ ନେଇ ଚିନ୍ତାରେ ଚାଷୀ । ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲୁହାସିଂହା ପ୍ରାଥମିକ କୃଷି ସମବାୟ ସମିତିର ଝୁରିଆ ଧାନ ମଣ୍ଡିରେ ଖୋଲା ଆକାଶ ତଳେ ପଡି ରହିଛି ଶହଶହ ବସ୍ତା ଧାନ । ଟାର୍ଗେଟ ନ ଥିବାରୁ ବିକ୍ରି ହୋଇ ପାରୁ ନ ଥିବାବେଳେ ସମବାୟ ସମିତି କର୍ତ୍ତୃପକ୍ଷ ଟାର୍ଗେଟ ବଢାଇବାକୁ ଲେଖିଥିଲେ ବି ଟାର୍ଗେଟ ବଢିନି ।

ସୂଚନା ଅନୁସାରେ ଏଠାରେ ୫୩୫ ଜଣ ଚାଷୀ ଧାନ ବିକ୍ରି ପାଇଁ ନାମ ପଞ୍ଜୀକରଣ କରି ଟୋକନ ପାଇଥିଲେ। ଟାର୍ଗେଟ ରହିଥିଲା ୫୬ ହଜାର ୭ ଶହ କୁଇଣ୍ଟାଲ । ହେଲେ ପ୍ରଥମେ ଏହି ସମବାୟ ସମିତିକୁ ଯୋଗାଣ ବିଭାଗ ତରଫରୁ ୩୦ ହଜାର ୪ ଶହ କୁଇଣ୍ଟାଲ ଧାନ କିଣା ଟାର୍ଗେଟ ଦିଆଯାଇଥିବାବେଳେ ତାହା ଶେଷ ହୋଇଛି । ୫୩୫ ଜଣ ଚାଷୀଙ୍କ ମଧ୍ୟରୁ ୨୪୩ ଜଣଙ୍କଠାରୁ ଧାନକିଣା ସରିଛି । ଏବେ ଧାନ ବିକିବା ପାଇଁ ପ୍ରାୟ ୨୯୨ଜଣ ଚାଷୀ ଅପେକ୍ଷାରେ ଅଛନ୍ତି। କେବେ ଟାର୍ଗେଟ ଆସିବ ଏହାକୁ ସେମାନେ ଚାହିଁ ରହିଛନ୍ତି। ଏହି ସମୟରେ ଗଲା କିଛିଦିନ ହେଲା କୋହଲା ପାଗ ଓ ବର୍ଷା ସମ୍ଭାବନା ଚାଷୀଙ୍କୁ ଚିନ୍ତାରେ ପକାଇ ଦେଇଛି । ଧାର କରଜ କରି ଚାଷୀ ବହୁ କଷ୍ଟରେ ଫସଲ ଉତ୍ପାଦନ କରିଥିବାବେଳେ ବିକ୍ରି ପାଇଁ ପ୍ରତି ବର୍ଷ ଏଭଳି ସମସ୍ୟା ଲାଗି ରହୁଥିବାରୁ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଅବିଳମ୍ବେ ଟାର୍ଗେଟ ନ ବଢାଇଲେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି। ଏ ନେଇ ପାଟଣାଗଡ ଉପଖଣ୍ଡ ଯୋଗାଣ ଅଧିକାରୀ ବିଜୟ କୁମାର କୁଲୁଙ୍କୁ ପଚାରିବାରୁ ପ୍ରଥମ ଟାର୍ଗେଟ ପ୍ୟାକ୍ସମାନଙ୍କର ଶେଷ ହୋଇଛି। ଏହାକୁ ବଢାଇବାକୁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି । ଆଗାମୀ ଦିନରେ ଟାର୍ଗେଟ ବଢିବ ବୋଲି ସେ କହିଛନ୍ତି।



ଝୁରିଆ ମଣ୍ଡିରେ ଉଠି ନ ପାରି ଗଦା ହୋଇ ରହିଥିବା ଧାନବସ୍ତା।




ଅତିଥିଙ୍କଠାରୁ ଚାମ୍ପିୟନ ଖାରମୁଣ୍ଡା ଦଳ ପୁରସ୍କାର ଗ୍ରହଣ କରୁଛନ୍ତି।

## ମା' କୁଶଙ୍ଗାଇ କପ୍ ଫୁଟବଲ: ଖରମୁଣ୍ଡା ଚାମ୍ପିୟନ

**ଲୋଇସିଂହା,୨୧୧(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କୁଶଙ୍ଗଠାରେ ଚାଲିଥିବା ମା' କୁଶଙ୍ଗାଇ କପ ଫୁଟବଲ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲରେ ୩–୧ ଗୋଲରେ ସାଇଟ ସଦାଇପାଲିକୁ ହରାଇ ବିଜେପୁର ଖରମୁଣ୍ଡା ଚାମ୍ପିୟନ ହୋଇଛି। ଯୁଥ ଫୁଟବଲ ଆସୋସିଏଶନ ଆନୁକୂଲ୍ୟରେ ହାଇସ୍କୁଲ ପଡିଆରେ ଗତ ୨୭ ତାରିଖଠାରୁ ଟୁର୍ନାମେଣ୍ଟ ଆରମ୍ଭ ହୋଇଥିଲା। ଏ ଗ୍ରୁପରୁ ଖରମୁଣ୍ଡା ଏକାଦଶ ଓ ବି ଗ୍ରୁପରୁ ବଲାଙ୍ଗୀର ସାଇଟ ସଦାଇପାଲି ଦଳ ଫାଇନାଲକୁ ଯାଇଥିଲେ। ଖେଳକୁ ଜ୍ୟୋତିର୍ମୟ ରାଉତ,ସୁରେଶ ନାଏକ ଓ ରମାକାନ୍ତ ରାଉତ ପ୍ରମୁଖ ଖେଳ ପରିଚାଳନା କରିଥିଲେ । ଚାମ୍ପିୟନ ଖରମୁଣ୍ଡାର ୧୦ ଓ ୧୧ ନମ୍ବର ଜର୍ସି ଖେଳାଳିଙ୍କୁ ସ୍ଥାନୀୟ ସରପଞ୍ଚ ସ୍ୱତନ୍ତ୍ର ପୁରସ୍କୃତ କରିଥିଲେ । ପୁରସ୍କାର ବିତରଣୀ ଉତ୍ସବରେ ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି, ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଲକ୍ଷ୍ମଣ କୁମାର ମେହେର ସମ୍ମାନୀତ ଅତିଥି ଭାବେ ମଞ୍ଚାସୀନ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ଯଦୁମଣୀ ପଧାନ, ସୋମନାଥ ପଟେଲ ଉପସ୍ଥିତ ଥିଲେ । ଚାମ୍ପିୟନ ଦଳକୁ ୭ ହଜାର ଓ ରନର୍ସ ଅପ ଦଳକୁ ୫ ହଜାର ପୁରସ୍କାର ରାଶି ଦେଇ ଅତିଥିମାନେ ପୁରସ୍କୃତ କରିଥିଲେ।

ଆଜିଠାରୁ ବଲାଙ୍ଗୀର ଲୋକ ଉତ୍ସବ, ପଲ୍ଲିଶ୍ରୀ ମେଳା

# ସାଂସ୍କୃତିକ ଶୋଭାଯାତ୍ରା ପାଇଁ ବ୍ୟାପକ ପ୍ରସ୍ତୁତି

**ବଲାଙ୍ଗୀର ଅଫିସ,୨୧୧**

ବିଂଶତିତମ ବଲାଙ୍ଗୀର ଲୋକଉତ୍ସବ ଓ ପ୍ରଦର୍ଶନୀ ତଥା ପଲ୍ଲୀଶ୍ରୀ ମେଳା ଶୁକ୍ରବାରଠାରୁ ଆରମ୍ଭ ହେବ। ଏନେଇ ବ୍ୟାପକ ପ୍ରସ୍ତୁତି ସରିଛି । ଶୁକ୍ରବାର ପୂର୍ବାହ୍ନ ୯ଟାରୁ କୋଶଳ କଳାମଣ୍ଡଳ ପଡିଆରେ ଲୋକଉତ୍ସବ ପାଇଁ ମଞ୍ଚପୂଜା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏଥିରେ ଲୋକଉତ୍ସବ ସମିତି ଅଧ୍ୟକ୍ଷ ତଥା ଜିଲାପାଳ ଅରିନ୍ଦମ ଡାକୁଆ ଯୋଗଦାନ କରିବେ । ଏହି ଅବସରରେ ଲୋକଉତ୍ସବ ପାଇଁ ପତାକା ଉତ୍ତୋଳନ ପରେ ରଙ୍ଗାରଙ୍ଗ ସାଂସ୍କୃତିକ ଶୋଭାଯାତ୍ରା ଆରମ୍ଭ ହେବ । ଅପରାହ୍ଣ ୨ଟାରେ କୋଶଳ କଳାମଣ୍ଡଳ ପୁରୁଣା ରଙ୍ଗମଞ୍ଚରେ ବହୁଭାଷୀ କବିତା ପାଠୋତ୍ସବ ଅନୁଷ୍ଠିତ ହେବ । ସନ୍ଧ୍ୟା ୬ଟାରେ ବଲାଙ୍ଗୀର ଏମପି ସଙ୍ଗୀତା କୁମାରୀ ସିଂଦେଓ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦର୍ଶନୀ ଓ ପଲ୍ଲୀଶ୍ରୀ ମେଳା ତଥା ସାଂସ୍କୃତିକ ସଭାର ଶୁଭ ଉଦ୍ଘାଟନ କରିବେ । ସନ୍ଧ୍ୟା ସାଢ଼େ ୬ଟାରେ ସାଂସ୍କୃତିକ ସଭା ଓ ସାଢ଼େ ୭ଟାରୁ ସାଂସ୍କୃତିକ ବିଚିତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଜିଲା ସଂସ୍କୃତି ଭବନଠାରେ ଗୁରୁବାର ସୂଚନା ଦିଆଯାଇଛି । ଜିଲା ସଂସ୍କୃତି ଭବନଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ବିଂଶତିତମ ଲୋକଉତ୍ସବ ସମ୍ପର୍କରେ ବିସ୍ତୃତ ସୂଚନା ଦିଆଯାଇଥିଲା । ଖବରଦାତା ସମ୍ମିଳନୀରେ ଅତିରିକ୍ତ ଜିଲାପାଳ ପରୀକ୍ଷିତ ସେଠୀ, ଜିଲା ସଂସ୍କୃତି ଅଧିକାରୀ ବିଜୟ କୁମାର ଶତପଥି, ଜିଲା ସୂଚନା ଓ ଲୋକସମ୍ପର୍କ ଜୟଦେବ ପାଣିଗ୍ରାହୀ, ଓରମାସ୍ ଅଧିକାରୀ କମଳେନ୍ଦୁ ପାଲ, ସହଅଧ୍ୟକ୍ଷ ଆନନ୍ଦଚନ୍ଦ୍ର ସାହୁ, ସତ୍ୟସୁନ୍ଦର ଭଞ୍ଜ, ଚିତ୍ତରଞ୍ଜନ ମିଶ୍ର, କୁନା ବାଗ, ସୋମନାଥ ମିଶ୍ର, ଜ୍ୟୋତି ରଞ୍ଜନ ପାଣିଗ୍ରାହୀ ମଞ୍ଚାସୀନ ଥିଲେ । ଲୋକଉତ୍ସବ ଶୁକ୍ରବାରଠାରୁ ସୋମବାର ୪ଦିନ ବ୍ୟାପୀ ଅନୁଷ୍ଠିତ ହେବ । ୪ ତାରିଖ ଲୋକଉତ୍ସବର ଦ୍ୱିତୀୟ ଦିନ ପୁରୁଣା ମଞ୍ଚରେ ପୂର୍ବାହ୍ନ ୧୦ଟାରୁ ଜିଲାସ୍ତରୀୟ ଲୋକବାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବ । ପୂର୍ବାହ୍ନ ୧୦ଟାରୁ ଗାନ୍ଧୀ ଭବନଠାରେ ସମ୍ମାନ କାର୍ଯ୍ୟକ୍ରମରେ ଡାଲଖାଇ, ଡ଼ା. ଘୁଡକା ଆମର ପହେଚାନ୍ କେନ୍ଟା ଶୀର୍ଷକରେ ସମ୍ମାନ ଅନୁଷ୍ଠିତ ହେବ । ୫ ତାରିଖ ପୂର୍ବାହ୍ନ ୧୦ଟାରୁ ପୁରୁଣା ମଞ୍ଚରେ ଜିଲାସ୍ତରୀୟ ଲୋକନୃତ୍ୟ ଓ ଲୋକସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହେବ । ୬ ତାରିଖ ପୁରୁଣା ମଞ୍ଚରେ ପୂର୍ବାହ୍ନ ୧୦ରୁ ଜିଲାସ୍ତରୀୟ ଲୋକନାଟକ ପ୍ରତଯୋଗିତା ଅନୁଷ୍ଠିତ ହେବ । ପ୍ରତିଦିନ ସନ୍ଧ୍ୟା ୬ଟାରେ ସାଂସ୍କୃତିକ ସଭା ଅନୁଷ୍ଠିତ ହେବ । ପରେ ସାଂସ୍କୃତିକ ବିଚିତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ୧୦ଟି ଜିଲାର ଜିଲା ସଂସ୍କୃତି ପରିଷଦ ମଧ ସେମାନଙ୍କ ଲୋକନୃତ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ । ସ୍କୁଲ ଛାତ୍ରୀଛାତ୍ରମାନେ ମଧ କାର୍ଯ୍ୟକ୍ରମରେ ସାମିଲ ହେବେ । ସର୍ବମୋଟ୍ ୫୦ରୁ ଉର୍ଦ୍ଧ୍ୱ ସାଂସ୍କୃତିକ ଦଳ ଏହି ଲୋକଉତ୍ସବରେ ଅଂଶଗ୍ରହଣ କରିବେ ବୋଲି ସୂଚନା ଦିଆଯାଇଛି । ଚଳିତ ଲୋକଉତ୍ସବରେ ସମସ୍ତ ଆନୁସଙ୍ଗିକ ଖର୍ଚ୍ଚ ୨୪.୭୪ ଲକ୍ଷ ହେବ ବୋଲି ଆକଳନ କରାଯାଇଛି । ପଲ୍ଲୀଶ୍ରୀ ମେଳା ପାଇଁ ଷ୍ଟଲ ବ୍ୟବସ୍ଥା କରାଯାଇଛି । ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ସାଂସ୍କୃତିକ ଶୋଭାଯାତ୍ରା ସହର ପରିକ୍ରମା କରିବ ।



ବଲାଙ୍ଗୀର ଲୋକଉତ୍ସବ ସମିତି ପକ୍ଷରୁ ଅନୁଷ୍ଠିତ ଖବରତାଦା ସମ୍ମିଳନୀରେ ମଞ୍ଚାସୀନ ଅତିଥି ଓ ବିଭିନ୍ନ କମିଟିର ସହଅଧ୍ୟକ୍ଷ ।




ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ କରୁଛନ୍ତି ଚାମ୍ପିୟନ ଜଲିଆବାହାଲର ଖେଳାଳିମାନେ।

## ଚାଉଲବାଂଜି କପ୍ କ୍ରିକେଟ: ଜଲିଆବାହାଲକୁ ଟାଇଟଲ

**ଖପ୍ରାଖୋଲ, ୨୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଚାଉଲବାଂଜି ଖେଳ ପଡିଆରେ ଚାଉଲବାଂଜି ହେଡମାଷ୍ଟର ମେମୋରିଆଲ କପ୍ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳ ଜଲିଆବାହାଲ ଓ ନାନ୍ଦୁପଲା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଜଲିଆବାହାଲ ଦଳ ୧୨ ଓଭରରେ ୯ ଉଇକେଟ ହରାଇ ୧୧୫ ରନ୍‌ସଂଗ୍ରହ କରିଥିଲା। ଏହାର ଜବାବରେ ନାନ୍ଦୁପଲା ଦଳ ନିର୍ଦ୍ଧାରିତ ଓଭରରେ ୯୨ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ଫଳରେ ଜଲିଆବାହାଲ ଦଳ ଚାମ୍ପିୟନ ହୋଇଥିଲା। ଅମ୍ପେୟାରଭାବେ ଆଶିସ ଦୀପ ଏବଂ ପ୍ରେମାନନ୍ଦ ବେହେରା ଖେଳ ପରିଚାଳନା ଓ ସ୍କୋରରଭାବେ ଅଜୟ ସେଠ କାର୍ଯ୍ୟ ସମ୍ପାଦନ କରିଥିଲେ । ମୀନିକେତନ ଦାଶ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ । ଏହି ଅବସରରେ ଆୟୋଜିତ ଉଦଯାପନୀ ଉତ୍ସବରେ କ୍ରିକେଟ କ୍ଲବ ସଭାପତି ଶେଷଦେବ ଧରୁଆ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ସଂଗ୍ରାମ ବୁଡେକ, ସମ୍ମାନିତ ଅତିଥି ଭାବେ ଜ୍ୟୋତିରଞ୍ଜନ ପଣ୍ଡା, ଧରମ ସିଂ ଧରୁଆ ପ୍ରମୁଖ ଯୋଗଦେଇଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହ ନଗଦ ଅର୍ଥ ରାଶି ପ୍ରଦାନ କରାଯାଇଥିଲା । ଦଶ ଦିନ ଧରି ଟୁର୍ନାମେଣ୍ଟ ଆୟୋଜିତ ହୋଇଥିବାବେଳେ ୨୪ଟି ଦଳ ଭାଗ ନେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡିଲେଶ୍ୱର ବେହେରା, ଚନ୍ଦ୍ରମଣି ଦାଶ, ନାରାୟଣ ବରିହାଙ୍କ ସମେତ କ୍ରିକେଟ କ୍ଲବ ସଦସ୍ୟମାନେ ଉପସ୍ଥିତ ଥିଲେ ।

## ରେଳଧାରଣାରୁ ଯୁବତୀ, ଯୁବକଙ୍କ ମୃତଦେହ ଉଦ୍ଧାର

ପ୍ରେମୀଯୁଗଳଙ୍କ ଆତ୍ମହତ୍ୟା ସନ୍ଦେହ

**ବଲାଙ୍ଗୀର ଅଫିସ,୨୧୧**

ବଲାଙ୍ଗୀର ସହର ନିକଟ ମାଧିଆପାଲି ଓ ରିନବଚନ ଗାଁ ମଝି ରେଳଧାରଣାରୁ ଯୁବତୀ ଓ ଯୁବକଙ୍କ କ୍ଷତବିକ୍ଷତ ମୃତଦେହକୁ ରେଳବାଇ ପୋଲିସ ଗୁରୁବାର ଉଦ୍ଧାର କରିଛି । ମୃତ ଯୁବକଙ୍କ ବୟସ ପ୍ରାୟ ୨୫ ଓ ଯୁବତୀଙ୍କ ବୟସ ୨୦ ବର୍ଷ ହେବ ବୋଲି ଅନୁମାନ କରାଯାଉଛି । ଏହି ଦୁଇ ଯୁବତୀ ଓ ଯୁବକ ପ୍ରେମୀ ଯୁଗଳ ଓ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି । ଏ ନେଇ ବଲାଙ୍ଗୀର ରେଲବାଇ ପୋଲିସ ଥାନାରେ ଦୁଇଟି ଅପମୃତ୍ୟୁ ମାମଲା (ନଂ.୧ ଓ ୨/୨୦୨୦) ରୁଜୁ କରାଯାଇଛି। ମୃତଦେହକୁ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍‌ପିଟାଲ ଶବାଗାରରେ ରଖାଯାଇଛି।

# ଲୋଇସିଂହା ବଡଦେଓ ଯାତ୍ରା ସମ୍ପନ୍ନ

**ଲୋଇସିଂହା,୨୧୧(ଡି.ଏନ.ଏ.)**

ଆଦିବାସୀ ଗଣ୍ଡ ସମାଜ ତଥା ଲୋଇସିଂହା ପ୍ରସିଦ୍ଧ ବଡଦେଓ ଯାତ୍ରା ଗୁରୁବାର ସମ୍ପନ୍ନ ହୋଇଛି । ବୁଧବାର ମୁଖ୍ୟପୂଜକ ତ୍ରୟମ୍ବକେଶ୍ୱର ସିଂରାଏ, ସମ୍ପ୍ରଦାୟର ପୂଜକ ଓ ବରୁଆମାନେ ପୀଠରେ ସମବେତ ହୋଇ ଉପବାସ ରହିଥିଲେ । ରାତିରେ ପୀଠରେ ନିଶି ପୂଜା ଅନୁଷ୍ଠିତ ହୋଇଥିଲା । ନିଶି ପୂଜା ସମୟରେ ପୀଠରେ ଲଗା ଯାଇଥିବା ବତୀ ଗୁରୁବାର ଲିଭିଲା ପରେ ଆଉ ଏକ ପୂଜା କରାଯାଇଥିଲା। ଏହାପରେ ବିଗ୍ରହ ରାଜବାଟିରୁ ବାହାରି ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବା ପରମ୍ପରା ରହିଛି । ଅପରାହ୍ନରେ ପାରମ୍ପରିକ ଚତୁକୋର୍ଣ ବିଶିଷ୍ଟ କାଷ୍ଠ ନିର୍ମିତ କଳାମଚମଚ ବିଗ୍ରହକୁ ୪ ଜଣ ବରୁଆ କାନ୍ଧରେ ବୋହି ସ୍ଥାନୀୟ ଜମିଦାରଙ୍କ ରାଜବାଟି ପରିସର ପରିକ୍ରମା କରିଥିଲେ । ଶତାଧିକ ଭକ୍ତ ତଥା ଶ୍ରଦ୍ଧାଳୁ ବିଗ୍ରହକୁ ଛୁଇଁ ପ୍ରଣାମ କରିବା ସହିତ ମଥାରେ କଳାଟିପ ଲଗାଇ ନିଜକୁ ଧନ୍ୟ ମଣିଥିଲେ । ବନ୍ଧ୍ୟା ଦମ୍ପତିମାନେ ସନ୍ତାନପ୍ରାପ୍ତି ଆଶାରେ ଦାରୁବିଗ୍ରହ କନ୍ଧେଇ ଥିବା ୪ ଜଣ ବରୁଆଙ୍କ ଶରଣରେ ଆସି ଦଣ୍ଡବତ ହୋଇଥାନ୍ତି। ବରୁଆମାନେ ସମ୍ପୃକ୍ତ ଦମ୍ପତିଙ୍କ ଉପରେ ମାଡି ଚାଲିଗଲେ ସେମାନଙ୍କ କୋଳ ପୁରି ଉଠେ ବୋଲି ସାଧାରଣରେ ଏକ ବିଶ୍ୱାସ ରହିଛି । ଲୋଇସିଂହା ସହରରେ ବଡଦେଓ ଯାତ୍ରା ସମ୍ପନ୍ନ ହେବାପରେ ଆଖପାଖ ଗ୍ରାମରେ କନ୍ଧ ସମାଜ ପକ୍ଷରୁ ଏହି ବଡଦେଓ ଯାତ୍ରା ହେବାର ବିଧି ରହିଛି । ଏହିଯାତ୍ରା ଦେଖିବା ସକାଶେ ଲୋଇସିଂହା ତଥା ଆଖପାଖ ଗ୍ରାମାଞ୍ଚଳରୁ ହଜାରହଜାର ଜନସାଧାରଣ ଏଠାରେ ଭିଡ ଜମାଇଥିଲେ । ଏହିଯାତ୍ରା ସହ ଜଗନ୍ନାଥ ସଂସ୍କୃତିର ଯଥେଷ୍ଟ ସମାସ୍ୟ ରହିଥିବା ସ୍ଥାନୀୟ ଲୋକେ ପ୍ରାକଶ କରିଛନ୍ତି।



ବଡଦେଓଙ୍କ ବିଗ୍ରହକୁ ଲୋଇସିଂହା ବସ୍ତି ପରିକ୍ରମା କରାଯାଉଛି ।

## ନାବାଳିକା ବଳାତ୍କାର ଅଭିଯୋଗରେ ଯୁବକ ଗିରଫ

**ମୁରିବାହାଲ, ୨୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ମୁରିବାହାଲ ଥାନା ଅଧୀନ ଲିମପଡା ଅଞ୍ଚଳର ଜଣେ ନାବାଳିକା ନୂଆବର୍ଷ ରାତିରେ ବଳାତ୍କାରର ଶିକାର ହୋଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ଜଣେ ଯୁବକକୁ ଗିରଫ କରି ଗୁରୁବାର ବଲାଙ୍ଗୀର ସ୍ୱତନ୍ତ୍ର କୋର୍ଟରେ ହାଜର କରିଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବଲାଙ୍ଗୀର ଜେଲକୁ ପଠାଇ ଦିଆଯାଇଛି। ଅଭିଯୋଗ ଅନୁଯାୟୀ ୧୪ବର୍ଷୀୟା ନାବାଳିକା ଜଣକ ଗତ ମଙ୍ଗଳବାର ସନ୍ଧ୍ୟାରେ ଗାଁରେ ଥିବା ନିଜ ନୂଆ ଘରକୁ ଯାଉଥିବା ବେଳେ ମଖାପାଲି ଗ୍ରାମର ବିବାହିତ ଯୁବକ ଦୁର୍ଯ୍ୟୋଧନ ସାହୁ (୩୫) ପଛପଟୁ ତାଙ୍କ ମୁହଁକୁ ବନ୍ଦ କରି ନିକଟସ୍ଥ ଏକ ଜମିକୁ ଟେକି ନେଇଥିଲେ। ଭୟଭୀତ କରି ସେଠାରେ ବଳାତ୍କାର କରିଥିଲେ ବୋଲି ନାବାଳିକାଙ୍କ ପକ୍ଷରୁ ମୁରିବାହାଲ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଅଭିଯୋଗକୁ ଭିତ୍ତିକରି ମୁରିବାହାଲ ଥାନା ଅଧିକାରୀ ତାରା ଯସ୍ମିନ ଗୁଡିଆ ଘଟଣାର ଅନୁସନ୍ଧାନ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ମୁରିବାହାଲ ଡାକ୍ତରଖାନାରେ ଅଭିଯୁକ୍ତଙ୍କର ଓ ପୀଡିତାଙ୍କର ଟିଟିଲାଗଡ ଉପଖଣ୍ଡ ଡାକ୍ତରଖାନାରେ ଡାକ୍ତରୀମାଇନା କରାଯାଇଛି। ମୁରିବାହାଲ ଥାନାରେ ଏକ ମାମଲା (ନଂ. ୧/୨୦) ରୁଜୁ ହୋଇଛି। ଅନ୍ୟପକ୍ଷରେ ଉଭୟ ପରିବାର ମଧ୍ୟରେ ଦୀର୍ଘଦିନ ହେଲା ଜମିବାଡି ବିବାଦ ଲାଗି ରହିଛି। ଏହି କାରଣରୁ ସୁପରିକଳ୍ପିତ ଯୋଜନା କରି ତାଙ୍କ ପୁଅକୁ ଫଶାଇ ଦିଆଯାଉଛି ବୋଲି ଅଭିଯୁକ୍ତଙ୍କ ବାପା ଅଭିଯୋଗ କରିଛନ୍ତି ।

ବଲାଙ୍ଗୀର ଡାକ ମଣ୍ଡଳ ପ୍ରତିଷ୍ଠା ଦିବସ ଓ ମହା ଡାକମେଳା

# ଆଧୁନିକୀକରଣ ପରେ ଡାକବିଭାଗ ଗୁରୁତ୍ୱ ବଢ଼ିଛି

**ବଲାଙ୍ଗୀର ଅଫିସ,୨୧୧**

ବଲାଙ୍ଗୀର ଟାଉନ ହଲରେ ଗୁରୁବାର ବଲାଙ୍ଗୀର ଡାକ ମଣ୍ଡଳର ୬୧ତମ ପ୍ରତିଷ୍ଠା ଉତ୍ସବ ଏବଂ ମହା ଡାକମେଳା ଅନୁଷ୍ଠିତ ହୋଇଛି । ମୁଖ୍ୟଅତିଥି ଭାବେ ଯୋଗଦେଇ ଏମପି ସଙ୍ଗୀତା କୁମାରୀ ସିଂଦେଓ ଡାକସେବାର ଐତିହ୍ୟ, ବର୍ତ୍ତମାନ୍ ଓ ଭବିଷ୍ୟତ ଉପରେ କହିଥିଲେ। ଇଣ୍ଟରନେଟ୍ ଓ ସୋସିଆଲ ମିଡିଆ ଯୁଗରେ ଭାରତୀୟ ଡାକ ବିଭାଗର ଆଧୁନିକୀକରଣ ଓ ଡାକସେବାକୁ ନୂଆ ଜୀବନ ପ୍ରଦାନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅବଦାନ ସମ୍ପର୍କରେ କହିଥିଲେ। ଡାକସେବା ସହ ବ୍ୟାଙ୍କିଙ୍ଗ ସେବାକୁ ଯୋଡି ଡାକ ବିଭାଗକୁ ଆହୁରି ପ୍ରାସଙ୍ଗିକ କରିବା ଦ୍ୱାରା ପୁଣି ଥରେ ଭାରତୀୟ ଡାକ ଲୋକପ୍ରିୟ ହୋଇଛି ବୋଲି କହିଥିଲେ। ଏମଜିଏନଆରଇଜିଏସ, ଆଧାର କାର୍ଯ୍ୟକ୍ରମରେ ଡାକ ବିଭାଗର ଅବଦାନ ସମ୍ପର୍କରେ ସିଂଦେଓ କହିଥିଲେ। ଡାକସେବା ସହ ଏବେ ବ୍ୟାଙ୍କ ସେବା ଯୋଡି ହେବାପରେ ଏହା ଗ୍ରାମୀଣ ଭାରତୀୟ ଲୋକଙ୍କ ଅନ୍ୟ ଏକ ପ୍ରମୁଖ ସେବା ମାଧ୍ୟମ ଭାବେ ଉଭା ହୋଇଛି ବୋଲି କହିଥିଲେ । ସମ୍ମାନିତ ଅତିଥି ଇଣ୍ଡିଆ ପୋଷ୍ଟ ପେମେଣ୍ଟସ୍ ବ୍ୟାଙ୍କର ସହାୟକ ମହାପ୍ରବନ୍ଧକ କନିଷ୍କ ଧୀବର, ସମ୍ବଲପୁର କ୍ଷେତ୍ର ସହାୟକ ଡାକ ନିର୍ଦ୍ଦେଶକ କମଳେନ୍ଦୁ ପଣ୍ଡା ଡାକସେବା ଉପରେ ବକ୍ତବ ରଖିଥିଲେ। ବଲାଙ୍ଗୀର ଡାକ ଡିଭିଜନ୍‌ର ଆସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ଏସ୍, ବଳିଆରସିଂ ସ୍ୱାଗତ ବକ୍ତବ୍ୟ ଦେଇଥିଲେ । ବଲାଙ୍ଗୀର ଡାକ ମଣ୍ଡଳ ଅଧିକ୍ଷକ ଦେବୀ ପ୍ରସାଦ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ । ଉଲ୍ଲେଖନୀୟ ଅବଦାନ ପାଇଁ ଡାକ ଅଧିକାରୀ, କର୍ମଚାରୀଙ୍କୁ ସମ୍ମାନିତ କରାଯାଇଥିଲା ।




ବଲାଙ୍ଗୀର ଡାକ ମଣ୍ଡଳର ପ୍ରତିଷ୍ଠା ଦିବସ ଅବସରରେ ମୁଖ୍ୟଅତିଥି ଲୋକ ସଭା ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ଉଦ୍‌ବୋଧନ ଦେଉଛନ୍ତି ।

# ୧୯ରୁ ମଠଖାଇ ମହୋତ୍ସବ

**ବଲାଙ୍ଗୀର ଅଫିସ,୨୧୧**

ବଲାଙ୍ଗୀର ମଠଖାଇ ମହୋତ୍ସବ କମିଟି ଓ ଭୂମିକା ପକ୍ଷରୁ ଆସନ୍ତା ୧୯ରୁ ୨୩ ତାରିଖ ପର୍ଯ୍ୟନ୍ତ ପାଞ୍ଚଦିନ ବ୍ୟାପୀ ସର୍ବଭାରତୀୟ ବହୁଭାଷୀ ନାଟକ ସମାରୋହ ୧୩ତମ ମଠଖାଇ ମହୋତ୍ସବ ସ୍ଥାନୀୟ କୋଶଳ କଳାମଣ୍ଡଳ ପଡିଆରେ ଅନୁଷ୍ଠିତ ହେବ। ସ୍ଥାନୀୟ ଆଇନ ମହାବିଦ୍ୟାଳୟ ପରିସରରେ ମଠଖାଇ ମହୋତ୍ସବ କମିଟି ତରଫରୁ ଏକ ଖବରତାଦା ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ଦିଆଯାଇଛି। ମଠଖାଇ ମହୋତ୍ସବ କମିଟି ଅଧ୍ୟକ୍ଷ ତଥା ସ୍ଥାନୀୟ ବିଧାୟକ ନରସିଂହ ମିଶ୍ର, ଉପଦେଷ୍ଟା ପ୍ରଫେସର ମଧୁସୂଦନ ପତି, ବ୍ରଜମୋହନ ମିଶ୍ର, ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ଏନ୍‌ଏସ୍‌ଡିଏନ୍ ରାମଚନ୍ଦ୍ର ସାହୁ, ଭୂମିକାର ରାଜୀବ ଲୋଚନ ଆଚାର୍ଯ୍ୟ ଓ ନିଗମ ନାଥଙ୍କ ଉପସ୍ଥିତିରେ ଆବାହକ ଚିତ୍ତରଞ୍ଜନ ଦାଶ ମଠଖାଇ ମହୋତ୍ସବ ସମ୍ପର୍କରେ ସୂଚନା ଦେଇଥିଲେ। ୧୯ ତାରିଖ ଉଦ୍‌ଘାଟନୀ ଅବସରରେ ଥିଏଟର ମାର୍ଚ୍ଚ ସହର ପରିକ୍ରମା କରିବ। ସନ୍ଧ୍ୟାରେ ପଞ୍ଚମ ଅନୁଷ୍ଠାନ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପୁତ୍‌ଲି ବିହା ପରିବେଷଣ କରାଯିବ । ଏହାପରେ ଢ଼େଙ୍କାନାଳର ଅଲ୍‌ଟର୍‌ନେଟିଭ ରିଦମ୍ ଥିଏଟର ପକ୍ଷରୁ ଓଡିଆ ନାଟକ ପୁନଶ୍ଚ ସତ୍ୟାଗ୍ରହ ଅନୁଷ୍ଠିତ ହେବ । ୨୦ ତାରିଖ ବଜ୍‌ନିଆ ନୃତ୍ୟ ପରେ ଦିଲ୍ଲୀର ଆକଟର୍ସ ରିର୍ପଟୋରୀ ଥିଏଟର୍ସ ପକ୍ଷରୁ ହିନ୍ଦୀ ନାଟକ ନାଗିନ୍ ତେରା ବଂଶ ବଢ଼େ ମଞ୍ଚସ୍ଥ ହେବ। ୨୧ ତାରିଖ ନଚ୍‌ନିଆ ଲୋକନୃତ୍ୟ ପରେ ଛତିଶଗଡ ରାଏଗଡର ଇଣ୍ଡିଆନ୍ ପିପୁଲସ୍ ଥିଏଟର ଆସୋସିଏସନ୍ ପକ୍ଷରୁ ହିନ୍ଦୀ ନାଟକ ଅଜବ୍ ମଦାରୀ ଗଜବ୍ ତମାସା ପରିବେଷଣ କରାଯିବ । ୨୨ରେ କୁଆଁରୀ ସପନ୍ କାର୍ଯ୍ୟକ୍ରମ ପରେ ଲକ୍ଷ୍ନୌର ନିପା ରଙ୍ଗମଣ୍ଡଳୀ ତରଫରୁ ହିନ୍ଦୀ ନାଟକ ଭଗବଦ୍‌ଜୁକିୟମ୍ ପରିବେଷଣ କରାଯିବ। ଉଦ୍‌ଯାପନୀ ସନ୍ଧ୍ୟାରେ ବଜ୍‌ନିଆ କାର୍ଯ୍ୟକ୍ରମ ପରେ ସମ୍ବଲପୁର କଖଗ ଅନୁଷ୍ଠାନ ପକ୍ଷରୁ କୋଶଲୀ ନାଟକ ପାଗଲ୍ ହେଇଯିବ ମଞ୍ଚସ୍ଥ ହେବ । ଚଳିତବର୍ଷର ମଞ୍ଚକୁ ନାଟ୍ୟକାର ସ୍ୱର୍ଗତ ଗିରିଶ କର୍ଣ୍ଣଡ, ସ୍ୱର୍ଗତ ରାମଚନ୍ଦ୍ର ପ୍ରତିହାରୀ, ସ୍ୱର୍ଗତ ଭାନୁମତି ଦାସ, ସ୍ୱର୍ଗତ ମନୋଜ ମିଶ୍ର ଓ ସ୍ୱର୍ଗତ ମନିଷ ମିଶ୍ରଙ୍କୁ ଉତ୍ସର୍ଗ କରାଯିବ। ଏହି ଅବସରରେ କିକ୍‌ଅପ୍ ବକ୍‌ସିଂରେ ଗିନିଜ୍ ବୁକ୍ ରେକଡଧାରୀ ଅମନ ଛତ୍ରିଆ, ନାଟ୍ୟକାର ଗଦାଧର ବାରିକ, ଫ୍ଲୋରେନ୍ସ ନାଇଟିଙ୍ଗଲ ପୁରସ୍କାର ବିଜେତା ନର୍ସ ମମତା ଭୋଇ ଓ କୃତୀ ବିଜ୍ଞାନ ଛାତ୍ର ଓମ୍‌ପ୍ରକାଶ ଦାସଙ୍କୁ ମଠଖାଇ ସମ୍ମାନ ପ୍ରଦାନ କରାଯିବ । ଏହା ସହିତ ବିଭିନ୍ନ ଦିବସରେ ଦିନବେଳା ସେମିନାର ଓ କର୍ମଶାଳା ଅନୁଷ୍ଠିତ ହେବ । ନିକଟରେ ମୁକ୍ତିଲାଭ କରିଥିବା କୋଶଲୀ ଚଳଚ୍ଚିତ୍ର ଝରନ୍‌ର କଳାକାରଙ୍କୁ ମଧ ସମ୍ବର୍ଦ୍ଧିତ କରାଯିବ । ସମସ୍ତ କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିବା ପାଇଁ ମଠଖାଇ ମହୋତ୍ସବ କମିଟି ଅଧ୍ୟକ୍ଷ ବିଧାୟକ ମିଶ୍ର ଓ ଉପଦେଷ୍ଟା ପ୍ରଫେସର ପତି ଅନୁରୋଧ କରିଥିଲେ ।




ମଠଖାଇ ମହୋତ୍ସବ କମିଟି ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମଞ୍ଚାସୀନ କାର୍ଯ୍ୟକର୍ତ୍ତା ।

### ମଞ୍ଚସ୍ଥ ହେବ ୫ଟି ଚର୍ଚ୍ଚିତ ମଞ୍ଚ ନାଟକ



ସତ୍ୟବାଦୀ ମନୁଷ୍ୟ ମା' ଭଳି ବିଶ୍ୱସନୀୟ, ଜନତାଙ୍କ ଗୁରୁ ଭଳି ପୂଜ୍ୟ ଓ ସଜ୍ଜନ ବ୍ୟକ୍ତି ଭଳି ସମସ୍ତଙ୍କ ପ୍ରିୟ ହୋଇଥାନ୍ତି।

- ଭଗବାନ ବୁଦ୍ଧ



## ସଂକ୍ଷେପରେ

### ମଦ୍ୟପ ଟ୍ରକ ଡ୍ରାଇଭରଙ୍କୁ ଧରିଲେ ଯୁବକ

ବଡଗାଁ, ୨।୧ (ଡି.ଏନ.ଏ)- ସୁନ୍ଦରଗଡ ଜିଲା ବଡଗାଁ ବସଷ୍ଟାଣ୍ଡଠାରେ ଗୁରୁବାର ଜଣେ ମଦ୍ୟପ ଡ୍ରାଇଭର ବୁଲାଣୀରେ ଟ୍ରକକୁ ବୁଲାଇନପାରି ଲୋକଙ୍କ ଉପରକୁ ଟ୍ରକ ମାଡିଗଲା ବେଳେ ଲୋକେ ପାଟି କରିବାରୁ ଟ୍ରକ ଅଟକାଇ ଷ୍ଟିୟରିଂ ଉପରେ ଶୋଇଯାଇଥିଲେ। ସ୍ଥାନୀୟ ଯୁବକମାନେ ଟ୍ରକ ସହ ଡ୍ରାଇଭର ବିହାର ବୁଦ୍ଧଗୟା ଥାନା କରମନି ଗ୍ରାମର ଗଣେଷ ଯାଦବ (୫୦)ଙ୍କୁ ନେଇ ଅପରାହ୍ନରେ ଥାନାରେ ଜିମା ଦେଇଛନ୍ତି ।

### ନିୟନ୍ତ୍ରଣ ହରାଇ କାର ଓଲଟିଲା: ୪ ଆହତ

ବଡଗାଁ, ୨।୧ (ଡି.ଏନ.ଏ)- ସୁନ୍ଦରଗଡ ଜିଲା ବଡଗାଁ ଥାନା ଅନ୍ତର୍ଗତ ବାରମାଇଲ କୁସୁନା ବସଷ୍ଟାଣ୍ଡ ନିକଟରେ ଗୁରୁବାର ପୂର୍ବାହ୍ନରେ ଦ୍ରୁତଗତିରେ ସୁନ୍ଦରଗଡ ପଟକୁ ଯାଉଥିବା କାର ଓଆର୍ ୦୭ ଡବ୍ଲୁ-୭୭୬୯ ଓଲଟି ପଡ଼ିଥିଲା। କାର ଚାଳକ ସଙ୍ଗିତା ବାହାଲ (୨୬)ଙ୍କ ସହିତ କାରରେ ଥିବା ତାଙ୍କ ସମ୍ପର୍କୀୟ ଇମରେନସିଆ ଲାକ୍ରା (୫୫), ରଶ୍ମିତା ବାହାଲା (୨୯), ଶୁଭମ ବାହାଲା (୧୭) ଆହତ ହୋଇଛନ୍ତି । ଏମାନେ କାରରେ ରାଉରକେଲାରୁ ଆସ୍କା ଯାଉଥିଲେ ।

## ବିଭିନ୍ନ ବିଦ୍ୟାଳୟକୁ ଜିଲାପାଳଙ୍କ ଅଚାନକ ପରିଦର୍ଶନ

# ଭିତ୍ତିଭୂମି, ଶିକ୍ଷାଦାନ ବ୍ୟବସ୍ଥା ତଦାରଖ

ସୁନ୍ଦରଗଡ, ୨।୧ (ଡି.ଏନ୍.ଏ)

ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣ ଗୁରୁବାର ସୁନ୍ଦରଗଡ ସହରରେ ଥିବା ବିଭିନ୍ନ ସରକାରୀ ବିଦ୍ୟାଳୟକୁ ପରିଦର୍ଶନ କରିଥିଲେ । ଜିଲାପାଳ ସ୍ଥାନୀୟ ଭବାନୀଶଙ୍କର ଉଚ୍ଚ ବିଦ୍ୟାଳୟ, ଧର୍ମଶାଳା ଉଚ୍ଚ ବିଦ୍ୟାଳୟ, ଡେଙ୍ଗିଭାଡି ପ୍ରାଥମିକ ବିଦ୍ୟାଳୟ, ରଥ ନୋଡାଲ ଉଚ୍ଚପ୍ରାଥମିକ ବିଦ୍ୟାଳୟ, ରାଣୀବଗିଚା ପ୍ରାଥମିକ ଉଚ୍ଚ ବିଦ୍ୟାଳୟ ଓ ସଦ୍‌ଡେଗା ବ୍ଲକର କରମଡିହି ଉଚ୍ଚବିଦ୍ୟାଳୟ ପରିଦର୍ଶନ କରିଥିଲେ। ବିଦ୍ୟାଳୟ ଗୁଡିକର ଭିତ୍ତିଭୂମି ଓ ଶିକ୍ଷାଦାନ ବ୍ୟବସ୍ଥା ତଦାରଖ କରିଥିଲେ। ଏହା ସହିତ ବିଭିନ୍ନ ସୁବିଧା, ଅସୁବିଧା ସମ୍ପର୍କରେ ମଧ୍ୟ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ ଓ ଛାତ୍ରୀ ଛାତ୍ରମାନଙ୍କ ସହିତ ଆଲୋଚନା କରିଥିଲେ। ଜିଲାପାଳଙ୍କ ଏହି ବିଦ୍ୟାଳୟ ପରିଦର୍ଶନ ସମୟରେ ଜିଲା ଶିକ୍ଷାଧିକାରୀ ରଞ୍ଜନ କୁମାର ଗିରି , ସଦର ବ୍ଲକ ଶିକ୍ଷାଧିକାରୀ ଲାଲିମା ଗ୍ଲୋରିଆ ଡୁଙ୍ଗଡୁଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଦିନରେ ଜିଲାପାଳ ଏଭଳି ନିୟମିତ ଭାବେ ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି।



ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣ ସୁନ୍ଦରଗଡ଼ର ଏକ ବିଦ୍ୟାଳୟ ପରିଦର୍ଶନ କରୁଛନ୍ତି।

## ବୀରମିତ୍ରପୁର ତହସିଲ ଅଞ୍ଚଳରେ ବୃଦ୍ଧିପାଉଛି ବାଲି ଚୋରି, ନାହିଁ କାର୍ଯ୍ୟାନୁଷ୍ଠାନ

କୁଆଁରମୁଣ୍ଡା, ୨।୧ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ତହସିଲ ଅନ୍ତର୍ଗତ ଅଣ୍ଡାଳି ଓ ଝୁନପୁର ରାଜସ୍ୱ ଇଲାକା ଅଞ୍ଚଳରେ ଦିନକୁ ନଦୀ ବାଲି ଚୋରା ଚାଲାଣ ବୃଦ୍ଧି ପାଉଛି। ଏହି ରାଏବୋଗା, ସଲଙ୍ଗାବାହାଲ, ଦଲକି ଇତ୍ୟାଦି ଅଞ୍ଚଳ ଦେଇ ଶଙ୍ଖ ନଦୀ ଓ ଲୁଡୁକି ନଦୀ ପ୍ରବାହିତ ହେଉଛି। ଏହି ନଦୀ ଦ୍ୱୟର ବିସ୍ତୀର୍ଣ୍ଣ ବାଲୁକା ଶଯ୍ୟାକୁ ଦିନରାତି ବାଲି ଚୋରମାନେ ଅବାଧରେ ଚାଲାଣ କରୁଛନ୍ତି। ଏ ନେଇ ରାଜସ୍ୱ ବିଭାଗ କ୍ଷେତ୍ର କର୍ମଚାରୀମାନେ ସବୁ ଜାଣି କିଭଳି ଚୁପ୍ ରହୁଛନ୍ତି, ତାହା ସାଧାରଣରେ ଭିନ୍ନ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ପ୍ରତିଦିନ ସଲଙ୍ଗାବାହାଲ, ଦଲକି, ରାଏବୋଗା ଇତ୍ୟାଦି ଅଞ୍ଚଳ ଦେଇ ପ୍ରବାହିତ ନଦୀଗୁଡିକର ବାଲୁକା ଶଯ୍ୟାରୁ ଶତାଧିକ ଉମ୍ପର, ଟ୍ରାକ୍ଟର ଦ୍ୱାରା ବେଆଇନଭାବେ ବାଲି ଉଠାଯାଉଛି। ବାଲି ସୁନ୍ଦରଗଡ଼, କୁତ୍ରା ଓ ରାଜଗାଙ୍ଗପୁର ଅଞ୍ଚଳରେ ବହୁ ମୂଲ୍ୟରେ ବିକ୍ରି ହେଉଛି। ଫଳରେ ବାଲି ଚୋରା ଚାଲାଣକାରୀ ପ୍ରତ୍ୟେହ ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି। ଏ ନେଇ ସେମାନେ ରାଜସ୍ୱ ବିଭାଗର କ୍ଷେତ୍ର କର୍ମଚାରୀଙ୍କ ଠାରୁ ଆରମ୍ଭ କରି ଉପରିସ୍ଥ ଅଧିକାରୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ମାସିକିଆ ଲକ୍ଷାଧିକ ଟଙ୍କା ହାତଗୁଞ୍ଜା ଦେଇ ଚୁପ୍ ରଖୁଛନ୍ତି। ଫଳରେ ଦିନ ଦ୍ୱିପ୍ରହରରେ ବାଲି ଚୋରି ହେଲେ ମଧ୍ୟ ରାଜସ୍ୱ ବିଭାଗର ଏ ନେଇ କୌଣସି କାର୍ଯ୍ୟାନୁଷ୍ଠାନ ରହୁ ନ ଥିବା ଅଭିଯୋଗ ହେଉଛି। ମାତ୍ର ରାଏବୋଗା ପୋଲିସ ପକ୍ଷରୁ ସମୟେ ସମୟେ ଚଢାଉ କରାଯାଇ ଚୋରା ବାଲି ଚାଲାଣକୁ କିଛି ମାତ୍ରାରେ ରୋକାଯାଉଛି। ପୋଲିସ ଚୋରାବାଲି ଗାଡିଗୁଡିକୁ କେବଳ ଜବତ କରିଥାଏ, ମାତ୍ର କାର୍ଯ୍ୟାନୁଷ୍ଠାନ ପାଇଁ ରାଜସ୍ୱ ବିଭାଗକୁ ହସ୍ତାନ୍ତର କରିଥାଏ ।ମାତ୍ର ବାଲି ଚୋର ଓ ରାଜସ୍ୱ ବିଭାଗ କର୍ମଚାରୀମାନଙ୍କ ମଧ୍ୟରେ ଭିତିରି ବୁଝାମଣା ରହୁଥିବାରୁ କାର୍ଯ୍ୟାନୁଷ୍ଠାନ କେବଳ ଲୋକଦେଖାଣିଆଭାବେ କରାଯାଇଥାଏ। ଫଳରେ ଏହି ଅଞ୍ଚଳରେ ବାଲି ଚୋରାଚାଲାଣ ବୃଦ୍ଧି ପାଉଛି ସିନା କମିବାର ନାଁ ଧରୁନି। ଫଳରେ ସରକାର ପ୍ରତିବର୍ଷ ଲକ୍ଷଲକ୍ଷ ଟଙ୍କାର ରାଜସ୍ୱ ହରାଉଛନ୍ତି। ଏ ଦିଗରେ ରାଜସ୍ୱ ବିଭାଗର ଉଚ୍ଚ ଅଧିକାରୀ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଅଚାନକ ଚଢାଉ କଲେ ସରକାରୀ ରାଜସ୍ୱ ଯେ ନିଶ୍ଚିତ ବୃଦ୍ଧି ପାଇବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ।

## ଯୁବ ବର୍ଗଙ୍କ ପାଇଁ କୌଶଳ କେନ୍ଦ୍ର ପରିଦର୍ଶନ ଆୟୋଜିତ

ରାଜଗାଙ୍ଗପୁର, ୨।୧ (ଡି.ଏନ.ଏ)

ସ୍ଥାନୀୟ ଯୁବତୀ ଯୁବକମାନଙ୍କୁ ବିଭିନ୍ନ କୌଶଳ ତାଲିମ ପ୍ରଦାନ କରି ସେମାନଙ୍କୁ ନିଯୁକ୍ତି ଉପଯୋଗୀ କରିବା ଲକ୍ଷ୍ୟରେ ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡ ତରଫରୁ ନିକଟ ଅତୀତରେ ଅନେକ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏହି କ୍ରମରେ ରାଜଗାଙ୍ଗପୁର ଏବଂ ଆଖପାଖ ଗ୍ରାମର ଯୁବ ଗୋଷ୍ଠୀ ପାଇଁ ଏକ ଦିନିକିଆ ଶିକ୍ଷା ପରିଭ୍ରମଣ ଏବଂ ପରିଦର୍ଶନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏଥିର ଭାଗ ନେଇଥିବା ୪୫ଜଣ ଯୁବକ ଏବଂ ଯୁବତୀଙ୍କୁ ଡାଲମିଆ ସିମେଣ୍ଟର ଜନ ସମ୍ପର୍କ ବିଭାଗ (ସିଏ) ଏବଂ ସାମାଜିକ ଦାୟୀତ୍ୱବୋଧ ବିଭାଗ (ସିଏସଆର) ରାଉରକେଲା ସ୍ଥିତ କୌଶଳ ପ୍ରଶିକ୍ଷଣକାରୀ ସଂସ୍ଥା ଆଇଏଲଆଣ୍ଡ ଏଫଏସର କୌଶଳ ବିକାଶ କେନ୍ଦ୍ର ପରିଦର୍ଶନ କରାଇବା ସହିତ ସେଠାରେ ଚାଲୁଥିବା ବିଭିନ୍ନ କୌଶଳ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ନାମ ଲେଖାଇବା ପ୍ରଣାଳୀ ତଥା ପ୍ରଶିକ୍ଷଣ ପରେ କେଉଁ ଧରଣର ନିଯୁକ୍ତି ମିଳିପାରିବେ ସେ ବିଷୟରେ ସୂଚନା ପ୍ରଦାନ କରିଥିଲେ । ପରିଦର୍ଶନରେ ଯାଇଥିବା ଯୁବ ବର୍ଗ କୌଶଳ କେନ୍ଦ୍ରର ଶିକ୍ଷାଦାନ ପ୍ରଣାଳୀ, ଉପଲବ୍ଧ ସୁବିଧା ସୁଯୋଗ, ରହିବା ପ୍ରବନ୍ଧନ ଆଦି ବୁଲି ଦେଖିବା ସହିତ ଉପସ୍ଥିତ ଶିକ୍ଷକମାନଙ୍କ ସହିତ ଆଲୋଚନା କରି ମନରେ ଥିବା ସଂଶୟ ଦୂର କରିଥିଲେ । କୌଶଳ କେନ୍ଦ୍ରର ଶିକ୍ଷକଗଣ ସେମାନଙ୍କୁ ବିଭିନ୍ନ ଧନ୍ଦାମୂଳକ ତାଲିମ ଯଥା ସିଲେଇ ମେସିନ ଅପରେଟର, ହସ୍ପିଟାଲିଟି ଆସିଷ୍ଟାଣ୍ଟ, ଗ୍ୟାସ ଓ୍ୱେଲଡିଂ, ସୋଲାର ପିଭି ଇଂଷ୍ଟଲର, ଫୁଡ ଏବଂ ବେଭରେଜ ସର୍ଭିସ ଆଦି ବିଷୟରେ ବୁଝାଇବା ସହିତ ପ୍ରଶିକ୍ଷଣ ପରେ ଯୁବତୀ ଯୁବକମାନଙ୍କୁ ଭାରତ ସରକାରଙ୍କ ତରଫରୁ ମିଳିବାକୁ ଥିବା ଯୋଗ୍ୟତା ପ୍ରମାଣପତ୍ର, ପୁରସ୍କାର ରାଶି ତଥା ୨ ଲକ୍ଷ ଟଙ୍କାର ଜୀବନ ବୀମା ସମ୍ବନ୍ଧରେ ବିସ୍ତୃତରେ ସୂଚନା ପ୍ରଦାନ କରିଥିଲେ। ଉଲ୍ଲେଖନୀୟ ଯେ, କୌଶଳ ପ୍ରଶିକ୍ଷଣକାରୀ ସଂସ୍ଥା ଆଇଏଲଆଣ୍ଡ ଏଫଏସର ଏଭଳି ପ୍ରଶିକ୍ଷଣ କେନ୍ଦ୍ର ରାଉରକେଲା ସହିତ ପାଶ୍ୱବର୍ତ୍ତି ଅଞ୍ଚଳରେ ଯଥା ଝାରସୁଗୁଡା, ସମ୍ବଲପୁର ଏବଂ ଦେବଗଡରେ ଅଛି । ଶିକ୍ଷା ପରିଭ୍ରମଣରେ ଯାଇଥିବା ଯୁବତୀ ଯୁବକମାନେ ଡାଲମିଆ ସିମେଣ୍ଟର ଏହି କାର୍ଯ୍ୟକୁ ସ୍ୱାଗତ ଜଣାଇଥିଲେ । ସମସ୍ତ ବିଷୟ ବୁଝିବା ପରେ ପ୍ରାୟ ୧୦ଜଣରୁ ଅଧିକ ଯୁବତୀ ଯୁବକ କୌଶଳ ତାଲିମ ନେବା ପାଇଁ ନିଜ ନାମ ଲେଖାଇଥିବାର ସୂଚନା ମିଳିଛି । ସ୍ଥାନୀୟ ଅଭିଭାବକବୃନ୍ଦ ଏଭଳି କାର୍ଯ୍ୟକ୍ରମକୁ ଆଗାମୀ ଦିନରେ ଜାରି ରଖିବା ପାଇଁ ଅନୁରୋଧ କରିଥିଲେ ।

## ପୋଖରୀରେ ବୁଡି ମହିଳା ମୃତ

ନୂଆପଡା ଅଫିସ/କୋମନା, ୨।୧

ଏହି ଜିଲା କୋମନା ଥାନା ଅନ୍ତର୍ଗତ ବାବେଘାଟି ଗାଁରେ ପୋଖରୀରେ ଗାଧୋଇବା ସମୟରେ ବୁଡ଼ିଯାଇ ମୁକ୍ତା ଜାଲ (୩୮)ନାମକ ଜନୈକା ମହିଳାଙ୍କ ମୃତ୍ୟୁ ଘଟିଛି । ସ୍ଥାନୀୟ ତରବୋଡ ଫାଣ୍ଡି ପୋଲିସ ମୃତଦେହକୁ ବ୍ୟବଚ୍ଛେଦ କରାଇବାପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ବିବରଣୀମତେ ପାର୍ଥ ଜାଲଙ୍କ ସ୍ତ୍ରୀ ମୁକ୍ତା ଏବଂ ତାଙ୍କ ଝିଅ କୁଟିଲା(୧୧) ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ମୁକ୍ତା ଗାଧୋଇବା ସମୟରେ ଗଭୀର ପାଣି ଭିତରକୁ ଚାଲିଯାଇଥିଲେ । ଏହା ଦେଖି ଚିତ୍କାର କରିବା ପରେ କୁଟିଲା ଗାଁକୁ ଯାଇ ଲୋକଙ୍କୁ ଖବର ଦେଇଥିଲେ। ଗାଁ ଲୋକ ଆସି ଦେଖିଲାବେଳକୁ ମୁକ୍ତାଙ୍କ ମୃତଦେହ ପାଣିରେ ଭାସୁଥିଲା। ଏନେଇ ପରିବାର ଲୋକ ପୋଲିସରେ ଖବର ଦେବାପରେ ପୋଲିସ ଆସି ମୃତ ଦେହକୁ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ।

## ଜିଲା ପ୍ରଶାସନ ଓ ଏମ୍‌ସିଏଲ ପକ୍ଷରୁ କମ୍ବଳ ବଣ୍ଟନ



ଜିଲା ପ୍ରଶାସନ ଓ ଏମ୍‌ସିଏଲ ତରଫରୁ କମ୍ବଳ ବଣ୍ଟନ କରାଯାଉଛି।

ସୁନ୍ଦରଗଡ, ୨।୧ (ଡି.ଏନ୍.ଏ)

ହାଡଭଙ୍ଗା ଶୀତର ମୁକାବିଲା ପାଇଁ ଜିଲା ପ୍ରଶାସନ ପକ୍ଷରୁ ସର୍ବସାଧାରଣ ସକାଶେ ନିଆଁ ପୋଇଁବା ପାଇଁ ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର ଅଗ୍ନିକୁଣ୍ଡ ସ୍ଥାପନ ସହ ଗରିବ, ଅସହାୟ ଓ ବୃଦ୍ଧା,ବୃଦ୍ଧମାନଙ୍କୁ କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଗୁରୁବାର ଜିଲା ପ୍ରଶାସନ ଓ ମହାନଦୀ କୋଇଲା ଖଣି ଲିମିଟେଡ (ଏମ୍‌ସିଏଲ) ତରଫରୁ ଲେଫ୍ରିପଡା ବ୍ଲକ ଅନ୍ତର୍ଗତ ତେଲେନଡିହି ଆଭା ଜରାଶ୍ରମର ଅନ୍ତେବାସୀମାନଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା। ପ୍ରବଳ ଶୀତ ଯୋଗୁ ବୃଦ୍ଧା, ବୃଦ୍ଧ ତଥା ଗରିବ, ଅସହାୟମାନେ ଯେପରି କୌଣସି ସମସ୍ୟାର ସମ୍ମୁଖୀନ ନ ହୁଅନ୍ତି, ସେଥିପ୍ରତି ଜିଲା ପ୍ରଶାସନ ଯତ୍ନବାନ ଅଛି ବୋଲି ଜିଲାପାଳ ପ୍ରକାଶ କରିଛନ୍ତି। ଏହି କମ୍ବଳ ବଣ୍ଟନ କାର୍ଯ୍ୟକ୍ରମରେ ଜିଲା ଆପାଦକାଳୀନ ଅଧିକାରୀ ପ୍ରତିମା ପିଙ୍ଗ,ଏମସିଏଲର ଜେନେରାଲ ମ୍ୟାନେଜର ସଞ୍ଜୟ କୁମାର ଝା ଓ ବିଶ୍ୱରଞ୍ଜନ ସାହୁଙ୍କ ଦ୍ୱାରା ପରିଚାଳିତ ହୋଇଥିଲା । ଏତଦ୍ ବ୍ୟତୀତ ଏମ୍‌ସିଏଲ ଦ୍ୱାରା ହେମଗିର ବ୍ଲକ, ସାହସପୁର ଗ୍ରାମରେ ମଧ୍ୟ ଗରିବ ଲୋକଙ୍କୁ କମ୍ବଳ ବଣ୍ଟନ ହୋଇଛି। ସମୁଦାୟ ୩୫୦ଜଣ ଲୋକଙ୍କୁ ଏହି କମ୍ବଳ ବଣ୍ଟନ କରାଯାଇଛି।

## ଟିପ୍ପର ଓଲଟି ୨ ମୃତ, ୨ ଆହତ

ଲହୁଣୀପଡ଼ା, ୨।୧(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା କେ. ବଲାଙ୍ଗ ଥାନା ଅନ୍ତର୍ଗତ ଚୋରଧରା ଗ୍ରାମ ଛକ ନିକଟରେ ଗୁରୁବାର ସନ୍ଧ୍ୟା ୭ଟାରେ ଦୁର୍ଘଟଣା ଘଟିଛି। ଭାରସାମ୍ୟ ହରାଇ ଏକ ଟିପ୍ପର ଖାଲକୁ ଓଲଟି ପଡ଼ିବାରୁ ଦୁଇ ଜଣଙ୍କ ମୃତ୍ୟୁ ଘଟିଛି। ଦୁଇ ଜଣ ଆହତ ହୋଇ ବଣାଇ ଡ଼ାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଟିପ୍ପରରେ ପ୍ରକୃତରେ କେତେଜଣ ଥିଲେ ତାହା ଜଣାପଡ଼ିନାହିଁ। ତେବେ ଦୁଇଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସେମାନଙ୍କ ପରିଚୟ ମିଳିନାହିଁ। କେ.ବଲାଙ୍ଗ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ପୂଜକଙ୍କୁ ମାଡ ମାରି ଯୁବକ ଜେଲ ଗଲେ

ନୂଆପଡା ଅଫିସ, ୨।୧

ସ୍ଥାନୀୟ ତେଲିପଡାସ୍ଥିତ ଶିବ ମନ୍ଦିର ପୂଜକ ଅମନ କୁମାର ଶର୍ମାଙ୍କୁ ମାଡ ମାରିବା ଅଭିଯୋଗରେ ଖୁବିରାମ ପଟେଲ(୨୨)ନାମକ ଯୁବକ ଗୁରୁବାର ଗିରଫ ହୋଇଛନ୍ତି। ତାଙ୍କ ବିରୁଦ୍ଧରେ ଦଫା ୩୦୭ରେ ଏକ ମାମଲା (ନଂ.୧/୨୦) ରୁଜୁ ହୋଇଛି। ବୁଧବାର ରାତିରେ ଘରେ ଥିବା ସମୟରେ ଖୁବିରାମ କୌଣସି କାରଣକୁ ନେଇ ଉତକ୍ଷିପ୍ତ ହୋଇ ଆକ୍ରମଣ କରିଥିଲେ। ପରିବାର ଲୋକ ଛଡାଇ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା ।

## ରାଏତ୍‌ବେଲା ୬ ଡିଗ୍ରୀକେ ଖସୁଛେ ତାପ୍‌ମାନ

କୋମନା, ୨।୧ (ଡି.ଏନ୍.ଏ.)

ଦିନାକେତେ ହେଲା ପଶ୍ଚିମ ଓଡ଼ିଶାରେ ହାଡ଼ଭଂଗା ଶୀତ ହେଉଛେ। ରାଏତ୍‌ବେଲା ବଡ଼ଭାଗି ସହରର ତାପ୍‌ମାନ ୧୦ ଡିଗ୍ରୀ ତଲେ ରହୁଛେ। ଏନ୍‌ତାଥି ବୁଢ଼ାବୁଢ଼ି, ଛୁଆପିଲା, ରୁଗୀମାନେ ବଡ଼ା ଗୁଲ୍‌ଗୁଲା ହେଉଛନ୍। ଇ ହିସାବେ ନୂଆପଡ଼ା ଜିଲା କୋମନା ବ୍ଲକ ଅଂଚଲରେ ବି ଦିନାକେତେ ହେଲା ହାଡ଼ଭଂଗା ଶୀତ ହେଉଛେ। ରାଏତ୍‌ବେଲା ତାପ୍‌ମାନ ୬ ଡିଗ୍ରୀ ତଲ୍‌କେ ଖସିଯାଉଛେ। କୋମନା ବ୍ଲକର ସୁନାବେଡ଼ା, ସୋସେଙ୍ଗ, ପଏଁର, ମହୁଲଭଟା, ବରକୋଟ, କମକେଡ଼ା, ବିଶିବାହାଲ ଲେଖେଁ ପାହାଡ଼ ଜଂଗଲ ଘେରା ଗାଁମାନକେ ବେଶି ଶୀତ ଜନାପଡୁଛେ। ଲୋକ୍ ବେଲ୍‌ବୁଡେ ଆର ପହଁଟିଆନୁ କାଠ୍‌ଗଁଡିରେ ନିଆଁ ଧରେଇ ଅଁତ୍‌ରା ତାପୁଛନ୍। ଶୀତର ପରକୋପରେ ରାତିର ୮ ବାଜ୍‌ଲେ ଗାଁଗଁଡ଼ା, ରାସ୍‌ତାଘାଟ ଶୂନ୍‌ସାନ ହେଇଯାଉଛେ। ଇଆଡ଼େ କେତେ ବେଲେ ପାଗ୍ ବାଦ୍‌ଲିଆ କରି ଥଁଡା ପବନ୍ ମାରୁଛେ ତ ଆରକେତେବେଲେ ପାଗ୍ ଫଟ୍‌କେଇ ଦେଉଛେ। ଲୋକ୍ ଶୀତର ଲାଗି ଗଧାବୁଡ଼ା କରବାକେ ବି ଡରୁଛନ୍। ଶୀତର ପରକୋପରୁ ବଁଚ୍‌ବାକେ ଘରେ ଘରେ ବୁଢ଼ାବୁଢ଼ି, ରୁଗୀମାନେ ଖଟତଲେ ଉଁଭେଇ ଦେଇ ଶୁଉଛନ୍।



ଦୁଇପହରର ୫ ବଜେନୁ ଲୋକ୍ ଅଁତ୍‌ରା ତାପୁଛନ୍।

## ଟାଙ୍ଗରପାଲି ବ୍ଲକ୍‌ରେ ବ୍ଲକ୍‌ସ୍ତରୀୟ ଧାନକ୍ରୟ ପ୍ରଶିକ୍ଷଣ ଶିବିର



ଧାନ କ୍ରୟ ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଅଧିକାରୀ, ଅତିଥି।

ଲେଫ୍ରିପଡା, ୨।୧ (ଡି.ଏନ.ଏ)

ସୁନ୍ଦରଗଡ ଜିଲା ଟାଙ୍ଗରପାଲି ବ୍ଲକ୍ କାର୍ଯ୍ୟାଳୟରେ ବ୍ଲକ୍ ସ୍ତରୀୟ ଧାନ କ୍ରୟ ପ୍ରଶିକ୍ଷଣ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ବୈଠକ ବ୍ଲକ୍ ଅଧ୍ୟକ୍ଷ ଜଟିଆ ମୁଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସମବାୟ ସମ୍ପ୍ରସାରଣ ଅଧିକାରୀ ପସନ୍ନ କୁମାର ପଟେଲ, ମହୁଲପାଲି, ମଙ୍ଗସପୁର ଏବଂ ଉଜ୍ୱଳପୁର ଲ୍ୟାମ୍ପସ୍‌ର ପରିଚାଳନା ନିର୍ଦ୍ଦେଶକ ସମେତ ଆରଏମ୍‌ସିର ଅଧିକାରୀ ପ୍ରହ୍ଲାଦ ନାଏକ ପ୍ରମୁଖ ଯୋଗଦାନ କରିଥିଲେ। ଏଥିରେ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଚାଷୀଙ୍କ ଠାରୁ ଧାନ ସଂଗ୍ରହ ନିମନ୍ତେ ଧାନର ମାନ ନିର୍ଦ୍ଧାରଣ କରିବା ଦିଗରେ ବିଭିନ୍ନ ପରୀକ୍ଷା ନୀରିକ୍ଷା କରି ଉପସ୍ଥିତ ଚାଷୀଙ୍କୁ ଅତିଥିଗଣ ଉଦ୍‌ବୋଧନ ପ୍ରଦାନ କରିଥିଲେ। ଶିବିରରେ ବିଭିନ୍ନ ଲ୍ୟାମ୍ପସର ଚାଷୀଗଣ ଏବଂ ପଞ୍ଚାୟତ ପ୍ରତିନିଧି ଉପସ୍ଥିତ ଥିଲେ।

## ଘରୋଇ ସ୍କୁଲ ସକାଳୁଆ ଯୋଗୁ ପିଲା ହଇରାଣ

- ବଢ଼ିଚାଲିଛି ଶୀତର ପ୍ରକୋପ, ଜନଜୀବନ ଅସ୍ତବ୍ୟସ୍ତ
- ପ୍ରଶାସନ ପକ୍ଷରୁ ଅସହାୟଙ୍କୁ ଗରମବସ୍ତ୍ର ପ୍ରଦାନ ପାଇଁ ଦାବି
- ଥଣ୍ଡା ଯୋଗୁ ବିଭିନ୍ନ ଅଞ୍ଚଳରେ ପକ୍ଷୀ ମୃତ୍ୟୁବରଣ କରୁଛନ୍ତି

ରାଜଗାଙ୍ଗପୁର/କୁତ୍ରା, ୨।୧ (ଡି.ଏନ.ଏ)

ସୁନ୍ଦରଗଡ ଜିଲାର ରାଜଗାଙ୍ଗପୁର ଓ କୁତ୍ରା ଅଞ୍ଚଳରେ କିଛି ଦିନ ହେବ ଶୀତର ପ୍ରକୋପ ବଢ଼ିବାରେ ଲାଗିଥିବାରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ରାଜଗାଙ୍ଗପୁର ଓ କୁତ୍ରା ଅଞ୍ଚଳରେ ପାରଦ ୧୦ ଡିଗ୍ରୀରୁ ତଳକୁ ରହୁଥିବାରୁ ଅଞ୍ଚଳରେ ପ୍ରବଳ ଶୀତ ଅନୁଭୁତ ହେଉଛି। ଏହାଛଡା ଶୀତ ଲହର ଏତେ ପ୍ରବଳ ହୋଇପଡୁଛି ଯେ, ଲୋକେ ଦିନ ୮ଟା ଆଗରୁ ଘରୁ ବାହାରୁ ନାହାନ୍ତି। ସକାଳ ୮ଟା ପର୍ଯ୍ୟନ୍ତ ଦୋକାନ ବଜାର ଖୋଲା ହେଉନଥିବା ବେଳେ ସମଗ୍ର ଅଞ୍ଚଳ ଜନଶୂନ୍ୟ ହୋଇପଡୁଛି । ଶୀତ ଲହର ସାଙ୍ଗକୁ ଘନ କୁହୁଡି ପାଗ ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଉଛି। ଛୋଟ ଛୋଟ ପିଲାମାନଙ୍କ ପାଇଁ ଏହି ପାଗ ଆହୁରି କଷ୍ଟଦାୟକ ହୋଇପଡୁଛି। ଘରୋଇ ଇଂରାଜୀ ମାଧ୍ୟମ ସ୍କୁଲ ଗୁଡିକରେ ସକାଳୁଆ ସ୍କୁଲ ହେଉଥିବାରୁ ଛୋଟ ଛୋଟ ପିଲାଙ୍କ ଅଭିଭାବକମାନେ ପିଲାଙ୍କୁ ସ୍କୁଲ ଛାଡିବା ପାଇଁ ଚିନ୍ତିତ ହୋଇପଡୁଛନ୍ତି। ବୃଦ୍ଧାବୃଦ୍ଧ, ଅସହାୟ ଓ ପାଗଳ, ଭିକାରୀଙ୍କ କଥା ନ କହିଲେ ଭଲ । ସକାଳ ଭଳି ସନ୍ଧ୍ୟାରେ ମଧ ଦୋକାନ ବଜାର ଗୁଡିକ ଶୀଘ୍ର ବନ୍ଦ ହୋଇଯାଉଛି । କେଉଁଠି କେମିତି ଲୋକେ ନିଆଁ ଜାଳି ବସିଥିବା ଦେଖିବାକୁ ମିଳୁଥିବା ବେଳେ ସମଗ୍ର ଅଞ୍ଚଳ ଜନଶୂନ୍ୟ ହୋଇଯାଉଛି । ପ୍ରାଣୀ ଓ ପକ୍ଷୀ ଜଗତକୁ ମଧ ଏହି ପାଗ ଅସ୍ତବ୍ୟସ୍ତ କରି ପକାଉଛି । ଥଣ୍ଡା ଯୋଗୁ ବିଭିନ୍ନ ଅଞ୍ଚଳରେ ପକ୍ଷୀମାନେ ମୃତ୍ୟୁବରଣ କରୁଥିବା ଦେଖାଯାଉଛି। ପ୍ରାଣୀ ଓ ପକ୍ଷୀଙ୍କ ଜୀବନ ସଂକଟାପନ୍ନ ହୋଇଯାଇଛି । ଶୀତର ପ୍ରକୋପକୁ ଦେଖି ଗରିବ ବୟସ୍କ ବ୍ୟକ୍ତି ଓ ଅସହାୟ ବ୍ୟକ୍ତିଙ୍କୁ ପ୍ରଶାସନ ପକ୍ଷରୁ ଗରମ ପୋଷାକ ଓ କମ୍ବଳ ବଣ୍ଟନ ପାଇଁ ସାଧାରଣରେ ଦାବି ହେଉଛି ।